**ଆଜିର ମନ୍ତବ୍ୟ**

"ଦେଶରେ ଗଣତନ୍ତ୍ର ନୁହେଁ ଏକଛତ୍ରବାଦୀ ଶାସନ ଚାଲିଛି। ଚାଷୀଙ୍କୁ ବୀଭତ୍ସ ହତ୍ୟା କରାଯାଉଛି। ସତ ପଦାକୁ ଆସୁ ବୋଲି ଭାଜପା ଚାହୁଁ ନ ଥିବାରୁ ଉତ୍ତରପ୍ରଦେଶର ଲକ୍ଷ୍ମୀମପୁରରେ ୧୪୪ ଧାରା ଲାଗୁ ହୋଇଛି।

– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରିଙ୍କୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତିନି ମୂଷଳ, ନାହିଁ କୁଶଳ।**

ତିନି ସଂଖ୍ୟା ଅମଙ୍ଗଳ। ସ୍ଥାନ କାଳ ପାତ୍ର ଅନୁସାରେ ତିନି ସଂଖ୍ୟା ଅଶୁଭ ମନେକରାଯାଉଥିବା ନେଇ ଲୋକବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତୁ ମତେ କଲୁ ସର୍ପେ ଜାତ ସ୍ୱଭାବ ଛାଡ଼ିବି କେମନ୍ତ ?**

ସର୍ପର ସ୍ୱଭାବ ଦଂଶନ କରିବା। ନିଜ ଉପରେ କୌଣସି ବିପଦର ଆଶଙ୍କା ଥିଲେ ସାପ ନିଜକୁ ସୁରକ୍ଷା ଦେବା ପାଇଁ ଫଣା ଟେକିଥାଏ, ଆବଶ୍ୟକ ପଡ଼ିଲେ ଦଂଶନ କରିବାକୁ ପଛାଇ ନ ଥାଏ। ପରୋକ୍ଷରେ ଯାହାର ଯାହା ସ୍ୱଭାବ ତାହା ସେ ସହଜରେ ଛାଡିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

**ପ୍ରଥମ ପୃଷ୍ଠାରୁ...**

## ଶିଳ୍ପ ଲାଗି...

ଲୁହାପଥର ପରିବହନ ଜାରି ରହିଛି। ଏହିସବୁ ପ୍ରକଳ୍ପରେ ବୈତରଣୀ ନଦୀରୁ ଦୈନିକ ୧୦ ହଜାରରୁ ଊର୍ଦ୍ଧ୍ୱ କ୍ୟୁବିକ ମିଟର ପାଣି ଆବଶ୍ୟକ। ଏହାବାଦ ବୈତରଣୀ ନଦୀଜଳ ଧାମନଗର ଟେକ୍ସଟାଇଲ୍ସ ଏବଂ ଫୁଡ୍ସ ପାର୍କରେ ବ୍ୟବହାର କରାଯିବ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ଅନୁମତି ଦିଆଯାଇଛି। ଏଥିନିମନ୍ତେ ବୈତରଣୀ ନଦୀ ଆଖୁଆପଦା ବ୍ୟାରେଜ ଡାଉନଷ୍ଟ୍ରିମ୍‌ରେ ଇନ୍‌ଟେକ୍ ୱେଲ୍ କରାଯାଇ ପ୍ରତି ସେକେଣ୍ଡରେ ୧.୨୨ କ୍ୟୁସେକ ନଦୀଜଳ ଏହି କମ୍ପାନୀକୁ ଯୋଗାଣ ହେବ। ରାଜ୍ୟରେ ୧୧ଟି ନଦୀର ସର୍ବମୋଟ ଜଳପ୍ରବାହ ୯୫,୫୪୦ ମିଲିୟନ କ୍ୟୁବିକ ମିଟର(ଏମ୍‌ସିଏମ୍)। ସେଥିରୁ ଯାଜପୁର ଜିଲା ଦେଇ ଯାଇଥିବା ବୁଢ଼ାବଳଙ୍ଗ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ଜଳପ୍ରବାହ ୨୧,୯୬୬ ଏମ୍‌ସିଏମ୍। ଜଳସେଚନ ବିଭାଗର ଏକ ସର୍ଭେ ରିପୋର୍ଟରେ ଏହା ଦର୍ଶାଯାଇଛି। ତେବେ ଯାଜପୁର ଜିଲାର ଜଳସେଚନ ପାଇଁ ୩୯୫୧.୫୧ ଏମ୍‌ସିଏମ୍, ଲୋକଙ୍କ ପାଇଁ ଜଳଯୋଗାଣ କ୍ଷେତ୍ରରେ ୮୨.୩୦ ଏମ୍‌ସିଏମ୍, ଶିଳ୍ପ ପାଇଁ ୧୦୫୫.୯୫ ଏମ୍‌ସିଏମ୍ ଓ ପର୍ଯ୍ୟାବରଣ ପାଇଁ ବର୍ଷକୁ ୪୭୨୨.୭୦ ଏମ୍‌ସିଏମ୍ ଜଳ ଆବଶ୍ୟକ ହୁଏ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚାହିଦା ମେଣ୍ଟାଇବା ପରେ ବଳକା ୧୧୭୦୩.୫୫ ଏମ୍‌ସିଏମ୍ ଜଳ ସମୁଦ୍ରରେ ମିଶୁଛି ବୋଲି ଜଳସେଚନ ବିଭାଗ ପକ୍ଷରୁ କୁହାଯାଉଛି। ଏଥିରୁ ସ୍ପଷ୍ଟ ଯେ, ଯାଜପୁର ଜିଲାରେ ପାନୀୟ ଜଳ ପାଇଁ ବ୍ୟବହାର ହେଉଥିବା ନଦୀଜଳର ୧୨ ଗୁଣ ଅଧିକ ଶିଳ୍ପ ପାଇଁ ବ୍ୟବହାର ହେଉଛି। ଫଳରେ ଗ୍ରୀଷ୍ମଦିନରେ ଯାଜପୁର ଜିଲାବାସୀ ଜଳକ୍ଲିଷ୍ଟତାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ କେନ୍ଦ୍ରାପଡ଼ା ଜିଲାବାସୀଙ୍କ ବିରୋଧ ନ୍ୟାୟସଙ୍ଗତ ବୋଲି ସ୍ପଷ୍ଟ ହେଉଛି। ଏହିକ୍ରମରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ଆବେଦନକାରୀ ଦର୍ଶାଇଛନ୍ତି ଯେ, କେନ୍ଦ୍ରାପଡା ଜିଲାର ବରୁଣଡ଼ିହା ନିକଟ ଖରସ୍ରୋତା ନଦୀରୁ ପାଣି ଉତ୍ତୋଳନ ହେଲେ ସମଗ୍ର ଭିତରକନିକା ଜାତୀୟ ଉଦ୍ୟାନ ପ୍ରଭାବିତ ହେବ। ଖରସ୍ରୋତା ଜଳସ୍ରୋତ ହ୍ରାସ ପାଇଲେ ଭିତରକନିକାକୁ ସମୁଦ୍ରର ଲୁଣପାଣି ମାଡ଼ିଯିବା ସହ ପାନୀୟ ଓ କୃଷି ପାଇଁ ଲୋକେ ଜଳାଭାବର ସମ୍ମୁଖୀନ ହେବେ। ତେବେ ଏହି ଯୁକ୍ତିକୁ ଜଳସମ୍ପଦ ବିଭାଗ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛି।

ଭଦ୍ରକର ମେଗା ଜଳଯୋଗାଣ ପ୍ରକଳ୍ପ ପାଇଁ ୨୦୨୦ ଜୁଲାଇରେ ଅନୁଷ୍ଠିତ ଜଳସମ୍ପଦ ବିଭାଗ ବୈଠକରେ ବୈତରଣୀ, ସାଳନ୍ଦି, କାଂଶବାଂଶ ଓ ମନ୍ତେଇ ନଦୀର ଜଳସ୍ରୋତ ଉପରେ ଆଲୋଚନା ହୋଇଥିଲା। ବୈତରଣୀ ନଦୀର ଜଳ ଏହି ପ୍ରକଳ୍ପର ଆବଶ୍ୟକତାକୁ ପୂରଣ କରିପାରିବ ନାହିଁ। ସେହିପରି ସାଳନ୍ଦି ଓ କାଂଶବାଂଶ ନଦୀର ଜଳ ଦୀର୍ଘସ୍ଥାୟୀ ନୁହେଁ ଏବଂ ମନ୍ତେଇ ନଦୀ ଜଳ ଲବଣାକ୍ତ ଓ ପ୍ରସ୍ତାବିତ ପ୍ରକଳ୍ପଠାରୁ ୩୦ କିମି ଦୂରରେ ରହିଥିବାରୁ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବ୍ରାହ୍ମଣୀ ଅପଷ୍ଟ୍ରିମର ଖରସ୍ରୋତା ଯୋକଡ଼ିଆ ବ୍ୟାରେଜରେ ସେକେଣ୍ଡ ପ୍ରତି ୭୧ କ୍ୟୁବିକ ମିଟର ଏବଂ ବରୁଣଡିହାଠାରେ ୩୫ କ୍ୟୁବିକ୍ ମିଟର ପାଣି ପ୍ରବାହିତ ହେଉଛି। ମେଗା ଜଳଯୋଗାଣ ପ୍ରକଳ୍ପ ପାଇଁ ସେକେଣ୍ଡ ପ୍ରତି ମାତ୍ର ୧.୬୪ କ୍ୟୁବିକ ମିଟର ପାଣିର ଆବଶ୍ୟକତା ହେଉଛି। ତେଣୁ ଉପଲବ୍ଧ ପାଣିର ଏହା ମାତ୍ର ୦.୪୫ ପ୍ରତିଶତ। ତେଣୁ ଜଳ ସମ୍ପଦ ବିଭାଗ ଖରସ୍ରୋତାରୁ ପାଣି ଉତ୍ତୋଳନ କରିବାକୁ ପତ୍ରସଂଖ୍ୟା ୨୪୧୨/୧୨।୯।୨୦୧୯ରେ ପୂର୍ବରୁ ଅନୁମତି ଦେଇସାରିଛି ବୋଲି ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଇଞ୍ଜିନିୟର-ଇନ୍-ଚିଫଙ୍କୁ କଟକ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସର୍କଲର ସୁପରିଟେଣ୍ଡିଂ ଇଞ୍ଜିନିୟର ସୂଚନା ଦେଇଥିଲେ। ତେବେ ଗ୍ରୀଷ୍ମଦିନରେ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ଶୁଖିଯିବା ସମ୍ପର୍କରେ କେହି ଚିନ୍ତା କରିନାହାନ୍ତି। ଏହାବାଦ୍ ରେଙ୍ଗାଲି ଡ୍ୟାମ୍ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେଲେ ବ୍ରାହ୍ମଣୀ ଓ ଖରସ୍ରୋତା ତଳମୁଣ୍ଡରେ ଖରାଦିନେ ପାଣିର ଅଭାବ ଦେଖାଯିବା ଆଶଙ୍କା ରହିଛି। ତେଣୁ କେନ୍ଦ୍ରାପଡ଼ାବାସୀଙ୍କ ଯୁକ୍ତିରେ ବାସ୍ତବତା ରହିଥିବା ମନେହେଉଛି।

## କେନ୍ଦ୍ରମନ୍ତ୍ରୀଙ୍କ ପୁଅ...

ଏହି ଘଟଣାକୁ ନେଇ ବିରୋଧୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ବିଭିନ୍ନ ଦଳର ନେତା ମୃତ ଚାଷୀ ପରିବାରକୁ ଭେଟିବା ଲାଗି ଉକ୍ତ ଅଞ୍ଚଳକୁ ବାହାରିଥିବାବେଳେ ସେମାନଙ୍କୁ ବିଭିନ୍ନ ସ୍ଥାନରେ ପୋଲିସ ଅଟକ ରଖିଥିଲା। ଭୋର ୫ଟା ବେଳେ ପ୍ରିୟଙ୍କା ଏବଂ ଦୀପେନ୍ଦର ସିଂ ହୁଡା ଓ ଅନ୍ୟମାନଙ୍କୁ ସୀତାପୁରରେ ଅଟକ ରଖାଯାଇଥିଲା। ଏହା ପୂର୍ବରୁ ରବିବାର ରାତିରେ ମଧ୍ୟ ପ୍ରିୟଙ୍କାଙ୍କ ଗାଡ଼ିକୁ ଲକ୍ଷ୍ନୌରେ ପୋଲିସ ଅଟକାଇଥିଲା। ନେତାଙ୍କୁ ମୃତ ଚାଷୀଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ଲାଗି ଛଡ଼ାଯାଇ ନ ଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ସରକାରଙ୍କ ଏଭଳି ପଦକ୍ଷେପ ଅଗଣତାନ୍ତ୍ରିକ ବୋଲି କଂଗ୍ରେସ ରାଜ୍ୟ ସଭାପତି ଅଜୟ କୁମାର ଲାଲୁ କହିଛନ୍ତି। ବିଏସ୍‌ପି ସାଧାରଣ ସମ୍ପାଦକ ସତୀଶ ଚନ୍ଦ୍ର ମିଶ୍ରାଙ୍କୁ ଲକ୍ଷ୍ନୌସ୍ଥିତ ତାଙ୍କ ଘରେ ଗୃହବନ୍ଦୀ ରଖାଯାଇଥିବା ଦଳର ସୁପ୍ରିମୋ ମାୟାବତୀ କହିବା ସହ ହିଂସାକାଣ୍ଡର ବିଚାର ବିଭାଗୀୟ ତଦନ୍ତ ଦାବି କରିଛନ୍ତି। ହିଂସାକାଣ୍ଡ ସହ ଦୁଇଜଣ ଭାଜପା ମନ୍ତ୍ରୀ ସମ୍ପୃକ୍ତ ଥିବାରୁ ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ମୃତକଙ୍କ ପରିବାରକୁ ନ୍ୟାୟ ମିଳିବା ସହ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସମ୍ଭବ ହୋଇ ନ ପାରେ। ସେଥିପାଇଁ ବିଚାର ବିଭାଗୀୟ ତଦନ୍ତ ଆବଶ୍ୟକ ବୋଲି ବିଏସ୍‌ପି ଦାବି କରିଛି। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଲଖିମପୁର ଯିବାକୁ ଘୋଷଣା କରିବା ପରେ ତାଙ୍କ ବାସଭବନ ନିକଟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ହିଂସାକାଣ୍ଡ ସ୍ଥଳରେ ବ୍ୟାପକ ପୋଲିସ ମୁତୟନ ହେବା ସହ ଆଇନ ଶୃଙ୍ଖଳା ବିଭାଗ ଏଡିଜି, ଆଇଜି ଏବଂ କମିଶନର ଉପସ୍ଥିତ ରହିଛନ୍ତି। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ମିଶ୍ରା କହିଛନ୍ତି, ତାଙ୍କ ପୁଅ ଆଶିଷ ଜଣେ ବ୍ୟବସାୟୀ। ଆନ୍ଦୋଳନରତ ଚାଷୀଙ୍କ ଉପରେ ଗାଡ଼ି ମାଡ଼ିଯିବା ବେଳେ ସେ ଘଟଣାସ୍ଥଳରେ ଉପସ୍ଥିତ ନ ଥିଲେ। ହିଂସାକାଣ୍ଡରେ ପ୍ରାଣ ହରାଇଥିବା ଅନ୍ୟ ୪ ଜଣଙ୍କ ମଧ୍ୟରୁ ୩ ଜଣ ଭାଜପା କର୍ମୀ ଓ ଜଣେ କାର୍ ଡ୍ରାଇଭର। ଚାଷୀଙ୍କ ସମେତ ଅନ୍ୟମାନେ ଖଣ୍ଡା ଓ ଲାଠିରେ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।



ସମ୍ବଲପୁର ଦଲେଇପଡ଼ା ମହାନଦୀର ଘାଟରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଗ୍ନିଶମ ବିଭାଗ କର୍ମଚାରୀ।

## ମହାନଦୀରେ ଭାସିଗଲେ...

ଝିଅକୁ ଉଦ୍ଧାର କରିବା ପାଇଁ ବାପା ଅଲତାଫ ପାଣିକୁ ଡେଇଁଥିଲେ। ପରେ ବାପାଙ୍କୁ ବଞ୍ଚାଇବାକୁ ଯାଇ ପୁଅ ଅଫତାବ ମଧ୍ୟ ପାଣିକୁ ଡେଇଁ ପଡ଼ିଥିଲେ। ପାଖରେ ଗାଧୋଉଥିବା ମହିଳାମାନେ ୩ଜଣ ପାଣିରେ ଭାସିଗଲେ କହି ଚିତ୍କାର କରିଥିଲେ। ଏହା ଶୁଣି ସ୍ଥାନୀୟ ମତ୍ସ୍ୟଜୀବୀ ଡଙ୍ଗା ସାହାଯ୍ୟରେ ଖୋଜାଖୋଜି କରିଥିଲେ। ମାଛ ମାରିବା ଜାଲ ପକାଇବା ସହ ପାଣିରେ ବୁଡି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପ୍ରାୟ ଦେଢଘଣ୍ଟା ପରେ ପୁଅ ଅଫତାବ ଓ ପରେ ବାପା ଅଲତାଫଙ୍କୁ ଉଦ୍ଧାର କରାଯାଇ ଜିଲା ସଦର ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମତ୍ସ୍ୟଜୀବୀଙ୍କ କହିବା ଅନୁସାରେ ଘାଟ ଉପରେ ଆନିକଟ ରହିଛି। ତେଣୁ ଏଠାରେ ପାଣିର ସ୍ରୋତ ଅଧିକ ରହିଥାଏ। ଅଧିକାଂଶ ସମୟରେ ଏହି ପରିବାର ସଦସ୍ୟମାନେ ଗାଧୋଇବାକୁ ଆସନ୍ତି। ଆଜି ଆସିଥିବାବେଳେ ଏତେ ବଡ ଅଘଟଣ ଘଟିଗଲା। ସଙ୍ଗେ ସଙ୍ଗେ ଉଦ୍ଧାର କରିବା ଆରମ୍ଭ କରିଥିଲୁ, ହେଲେ ଜୀବନ ବଞ୍ଚାଇପାରିଲୁ ନାହିଁ ବୋଲି କହିଥିଲେ। ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି କହିଛନ୍ତି, ପରିବାରର ୨ଜଣଙ୍କୁ ଉଦ୍ଧାର ପରେ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଝିଅ ରୁକସାନା ନିଖୋଜ ଅଛନ୍ତି ବୋଲି କହିଥିଲେ।

## ମିଳିପାରୁନି ଆଗୁଆ...

ଲଗାଇବାକୁ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ସେଗୁଡ଼ିକ ହେଲା ପାରାଦୀପ, ଗୋପାଳପୁର, ବାଲେଶ୍ୱର ଓ ସମ୍ବଲପୁର। ଆଇଏମ୍‌ଡି ପାରାଦୀପରେ ନିଜସ୍ୱ ଖର୍ଚ୍ଚରେ ଡପଲାର ରାଡାର ଲଗାଇବାକୁ ନିଷ୍ପତ୍ତି ହୋଇଥିବା ବେଳେ ରାଜ୍ୟ ସରକାର ଗୋପାଳପୁର, ବାଲେଶ୍ୱର ଓ ସମ୍ବଲପୁରରେ ମାଗଣାରେ ଜମି ଯୋଗାଇ ଦେବା ସହ ଏଥିପାଇଁ ଆବଶ୍ୟକ ୪ ମହଲା କୋଠା ନିର୍ମାଣ ଖର୍ଚ୍ଚ ବହନ କରିବା ନେଇ ଆଇଏମ୍‌ଡି ସହ ବୁଝାମଣା ହୋଇଥିଲା। ରାଜ୍ୟ ସରକାର କୋଠା ନିର୍ମାଣ ପାଇଁ ୧୮ କୋଟି ଟଙ୍କା ମଧ୍ୟ ଯୋଗାଇ ଦେଇଛନ୍ତି। ୨୦୧୧ରୁ କୋଠା ନିର୍ମାଣ କାମ ଶେଷ ହେଲାଣି। କେବଳ ପାରାଦୀପ ଓ ଗୋପାଳପୁରରେ ୨ଟି ରାଡାର ଲାଗିଥିବା ବେଳେ ଅନ୍ୟ ଦୁଇଟି ସ୍ଥାନରେ ଲାଗିବା ନେଇ କେନ୍ଦ୍ରସରକାରଙ୍କ ଉଦାସୀନତା ଯୋଗୁ ଏଭଳି ଅବସ୍ଥା ଭୋଗିବାକୁ ପଡୁଛି। ଦୀର୍ଘ ୧୬ ବର୍ଷ ବିତିଯାଇଥିଲେ ସୁଦ୍ଧା ସେହି ପ୍ରକଳ୍ପ ଅଧାପନ୍ତରିଆ ହୋଇପଡିଛି।

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଗତ ୨୧ବର୍ଷ ମଧ୍ୟରେ ଉପକୂଳରେ ମାଡ଼ ହୋଇଥିବା ୬ଟି ସାମୁଦ୍ରିକ ଝଡ଼ ଓଡ଼ିଶାକୁ ଛାରଖାର କରିଦେଇଛି। ୧୯୯୯ରୁ ୨୦୨୧ ମଧ୍ୟରେ ରାଜ୍ୟ ୭ଟି ବାତ୍ୟା ଓ ମହାବାତ୍ୟାକୁ ସମ୍ମୁଖୀନ ହୋଇଛି। ୧୯୯୯ ଅକ୍ଟୋବର ୨୯ତାରିଖରେ ମହାବାତ୍ୟା ଉପକୂଳ ଓଡ଼ିଶାକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଇଥିଲା। ଏଥିରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ବେଳେ ପ୍ରାୟ ୧୫ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ସେହିପରି ୨୦୧୩ରେ ଫାଇଲିନ, ୨୦୧୪ରେ ହୁଡ୍‌ହୁଡ୍, ୨୦୧୮ରେ ତିତ୍‌ଲି, ୨୦୧୯ରେ ଫନୀ ଏବଂ ୨୦୨୦ରେ ଅମ୍ଫନ ବାତ୍ୟା ଏବଂ ୨୦୨୧ ସେପ୍ଟେମ୍ବରରେ ଗୁଲାବ ରାଜ୍ୟ ପାଇଁ ଅନେକ ବିପତ୍ତି ଆଣିଦେଇଛି।

ସରକାରଙ୍କ ଆକଳନ ଅନୁଯାୟୀ ୨୦୧୩ରେ ହୋଇଥିବା ବାତ୍ୟା ଫାଇଲିନ୍‌ରେ ରାଜ୍ୟର ୫୮୩୨.୫୦ କୋଟି ଟଙ୍କା କ୍ଷତି ହୋଇଥିବା ବେଳେ ହୁଡ୍‌ହୁଡ୍‌ରେ ୭୭୭.୧୨ କୋଟି, ତିତ୍‌ଲିରେ ୨୭୭୯.୩୩ କୋଟି, ଫନୀରେ ୫୨୨୭.୬୮ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ୨୦୨୦ରେ ଅମ୍ଫନରେ ପ୍ରାୟ ୭୦୦ କୋଟି ଟଙ୍କା କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଇଛି। ତେବେ ଗୁଲାବ ପ୍ରଭାବରେ ରାଜ୍ୟରେ ସେଭଳି କିଛି କ୍ଷୟକ୍ଷତି ହୋଇ ନାହିଁ। ଆଇଏମ୍‌ଡି ଡାଇରେକ୍ଟର ଜେନେରାଲ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଏନେଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଡପ୍‌ଲର ରାଡାର ବାଲେଶ୍ୱର ଏବଂ ସମ୍ବଲପୁରରେ ଲାଗିବ। ଗୋପାଳପୁର ରାଡାରକୁ ସଜାଡିବା ନେଇ ମଧ୍ୟ ପଦକ୍ଷେପ ଆରମ୍ଭ ହୋଇଛି।

## ଡାଭିଡ୍ ଜୁଲିଅସ୍,...

ସ୍ୱାଭାବିକ ବୋଲି ଧରି ନେଇଥାଉ। ତେବେ ତାପମାତ୍ରା ଓ ଚାପକୁ ବୁଝିବା ଲାଗି ସ୍ନାୟୁତନ୍ତ୍ରରେ କିପରି ପ୍ରତିକ୍ରିୟା ହୋଇଥାଏ, ଉକ୍ତ ଉଦ୍‌ଭାବନ ସେହି ପ୍ରଶ୍ନର ସମାଧାନ କରିପାରିଛି। ଜୁଲିଅସ୍ ସାନ୍‌ଫ୍ରାନ୍ସିସ୍କୋସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ହୋଇଥିବାବେଳେ ପଟାପୁଟିଆନ୍ କାଲିଫର୍ନିଆର ସ୍କ୍ରିପ୍ସରିସର୍ଚ୍ଚରେପ୍ରଫେସରଅଛନ୍ତି।ନୋବେଲପୁରସ୍କାରବାବଦରେମିଳିବାକୁଥିବା ୧.୧ ନିୟୁତ ଡଲାର ଉଭୟଙ୍କ ମଧ୍ୟରେ ବଣ୍ଟାଯିବ। ଗତବର୍ଷ ହେପାଟାଇଟିସ୍-ସି ଭୂତାଣୁ ଉଦ୍ଭାବନ ପାଇଁ ୩ ଜଣ ଭାଇରୋଲୋଜିଷ୍ଟଙ୍କୁ ମିଳିଥିଲା।

## ଡାଉନ ହେଲା ହ୍ୱାଟ୍ସଆପ୍...

କମ୍ପାନୀ ଗ୍ରାହକଙ୍କୁ ନିବେଦନ କରିଛି। ଭାରତରେ ସୋମବାର ରାତି ୯ଟାରେ ସୋସିଆଲ ସାଇଟଗୁଡିକ ହଠାତ କାର୍ଯ୍ୟକ୍ଷମ ହୋଇ ନ ଥିବା ୟୁଜର୍ସମାନେ ଟୁଇଟ୍ କରିଥିଲେ। ୟୁଜର୍ସ ଏହି ଘଟଣାକୁ ନେଇ ବହୁମାତ୍ରାରେ ଅଭିଯୋଗ କରିଥିବା ୱେବ୍‌ସେବା ପରୀକ୍ଷା କରୁଥିବା ୱେବ୍‌ସାଇଟ ଡାଉନ୍‌ଡିଟେକ୍ଟର ଡଟ୍ କମ୍ ପକ୍ଷରୁ କୁହାଯାଇଛି। ଫେସ୍‌ବୁକ ଏବଂ ଇନ୍‌ଷ୍ଟାଗ୍ରାମ୍ ଅଚଳ ହେବା ନେଇ ୨୦ ହଜାରରୁ ଅଧିକ ଲୋକ ଅଭିଯୋଗ କରିଥିବା ଜଣାପଡ଼ିଛି। ସେହିଭଳି ୧୪ ହଜାରରୁ ଊର୍ଦ୍ଧ୍ୱ ୟୁଜର୍ସଙ୍କ ଲାଗି ହ୍ୱାଟସଆପ୍ ଏବଂ ୩ ହଜାରରୁ ଊର୍ଦ୍ଧ୍ୱ ମେସେଞ୍ଜର ୟୁଜର୍ସ ଡାଉନ ନେଇ ଅଭିଯୋଗ କରିଛନ୍ତି। ତ୍ୱରିତ ମେସେଜ ପ୍ରେରଣ, ଫଟୋ ସେୟାରିଂ ଏବଂ ସୋସିଆଲ ନେଟୱର୍କିଂ କ୍ଷେତ୍ରରେ ଫେସ୍‌ବୁକ ଲାଗି ଭାରତ ଏକ ପ୍ରମୁଖ ବଜାର ହୋଇଛି। ଭାରତରେ ଫେସ୍‌ବୁକର ୪୧ କୋଟି ୟୁଜର୍ସ ରହିଛନ୍ତି। ସେହିଭଳି ହ୍ୱାଟ୍ସଆପ୍‌ର ୫୩ କୋଟି ଏବଂ ଇନଷ୍ଟାଗ୍ରାମର ୨୧ କୋଟି ୟୁଜର ଭାରତରେ ରହିଥିବା ଜଣାପଡ଼ିଛି।

## ଗୁଣପୁର କୋର୍ଟରେ ହାଜର ହେଲେ ସବ୍ୟସାଚୀ

**ଗୁଣପୁର,୪।୧୦(ଡି.ଏନ୍.ଏ.):** ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ସୋମବାର ଗୁଣପୁର କୋର୍ଟରେ ହାଜର କରାଯାଇଛି। ୧୦ ମାମଲାରେ ସାକ୍ଷ୍ୟ ଗ୍ରହଣ ନିମନ୍ତେ ତାଙ୍କୁ ଗୁଣପୁର ସବ୍‌ଜଜ୍ ଓ ଏଡିଜେ କୋର୍ଟରେ ହାଜର କରାଯାଇଥିଲା। ୮ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ହେବାର ଥିଲା। ତେବେ ଜଣେ ମଧ୍ୟ ସାକ୍ଷୀ ଉପସ୍ଥିତ ନ ଥିଲେ। ଫଳରେ ମାମଲାଗୁଡ଼ିକର ବିଚାରଣା ହୋଇପାରି ନ ଥିଲା। ଫଳରେ ସବ୍ୟସାଚୀଙ୍କ ବ୍ୟକ୍ତିଗତ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ଉକ୍ତ ମାମଲା ଉପରେ ଉଭୟ କୋର୍ଟରେ ଜାମିନ ପିଟିଶନ ଆବେଦନ କରିଥିଲେ। ମଙ୍ଗଳବାର ଅନ୍ୟ ମାମଲାଗୁଡ଼ିକରେ ସବ୍ୟସାଚୀ ପୁଣି ଗୁଣପୁର କୋର୍ଟରେ ହାଜର ହେବେ ବୋଲି ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟିହୋଇ ଆପଣଙ୍କୁ ତାହା ନିରୁତ୍ସାହିତ କରିପାରେ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବା ହେତୁ ମାନସିକ ଅସ୍ଥିରତା ଦୂର ହୋଇପାରେ । ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ଆଶା ରହିଛି। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ ଓ ଆର୍ଥିକ ଉନ୍ନତି ଘଟିବ।

**ବୃଷ** – କର୍ମକ୍ଷେତ୍ରରେ ମିଥ୍ୟାରୋପଜନିତ ବିବାଦୀୟ ପରିସ୍ଥିତି ସୃଷ୍ଟିହେବା ସୂଚନା ରହିଛି। ବ୍ୟବସାୟ, ବାଣିଜ୍ୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ କିଛିଟା ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ଆଗାମୀ ଦିନ ସକାଶେ କେତେକ ନୂତନ କାମର ପରିକଳ୍ପନା କରିବେ। ଘରକୁ ବହୁ ଦିନରୁ ଇଚ୍ଛା କରି ମଧ୍ୟ ଆଣି ପାରି ନ ଥିବା ଜିନିଷଟି ଆଜି ଆଣିପାରନ୍ତି।

**ମିଥୁନ** – ଘରକାମ ସାଙ୍ଗକୁ ବନ୍ଧୁଙ୍କ କାମକୁ ଅଗ୍ରାଧିକାର ଦେଇପାରନ୍ତି। ସହକର୍ମୀଙ୍କ ସହ ବିଭିନ୍ନ ଦିଗରୁ ଆଲୋଚନା କରିବାକୁ ପଡ଼ିପାରେ। ଆଜିର ଯାତ୍ରାରେ ସଫଳତା ପାଇବେ, କିନ୍ତୁ ସମସ୍ୟା ଭିତର ଦେଇ ଯିବାକୁ ହେବ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାର ସୁଯୋଗ ପାଇପାରନ୍ତି।

**କର୍କଟ** – ନୂତନ ସ୍ଥାନ ଓ ଅଜଣା ଲୋକଙ୍କ ସଂସ୍ପର୍ଶରେ ଆସି ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଫାଇଲ୍ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ଜଞ୍ଜାଳ ବଢ଼ିଯାଇପାରେ। ପରିବାର ପ୍ରତି ବିମୁଖ ଲାଗି ସମାଲୋଚିତ ହୋଇପାରନ୍ତି। ବିଭିନ୍ନ ପ୍ରତିବନ୍ଧକ କାରଣରୁ ବାଣିଜ୍ୟ, ବ୍ୟବସାୟ ,ପରିବହନ, ବାଧାପ୍ରାପ୍ତ ହୋଇପାରେ।

**ସିଂହ** – ଆପଣଙ୍କ କାର୍ଯ୍ୟଶୈଳୀରେ ଅସନ୍ତୁଷ୍ଟ ହୋଇ ଅନ୍ୟମାନେ ପଛରେ ବିଭିନ୍ନ ପ୍ରକାର ସମାଲୋଚନା କରିପାରନ୍ତି। କେତେକ ପରିସ୍ଥିତିରେ ଆପଣଙ୍କ ମନ କଥା ଅପ୍ରକାଶ୍ୟ ରହିଯିବ। ତଥାପି ଧୈର୍ଯ୍ୟ ଓ ଯୁକ୍ତିଯୁକ୍ତ କଥା ପରିସ୍ଥିତିକୁ ସମ୍ଭାଳିବାରେ ସାହାଯ୍ୟ କରିବ। ନିଜର ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**କନ୍ୟା** – ସତର୍କରେ ନ ଚଳିଲେ ମରୀଚିକା ପଛରେ ଗୋଡ଼ାଇ ହତାଶ ହେବେ। ଭାବୁଥିବା କାମଟିକୁ ଶେଷ କରିପାରିବା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସାମ୍ନା କରିବାକୁ ପଡ଼ିବ। ପାରସ୍ପରିକ ବିବାଦ କାରଣରୁ ପରିବହନରେ ପ୍ରତିବନ୍ଧକ ଦେଖାଦେଇପାରେ ; ଯାହା ବିଷୟରେ ଆଲୋଚନା କରୁଥିବେ ତାଙ୍କୁ ହଠାତ୍ ଅତି ନିକଟରେ ଦେଖି ହଡ଼ବଡ଼େଇ ଯାଇପାରନ୍ତି।

**ତୁଳା** – ଘର ଲୋକଙ୍କ ବ୍ୟସ୍ତ ଓ ବିବ୍ରତତାକୁ ଲକ୍ଷ୍ୟକରି ମନ ଅଶାନ୍ତ ରହିବ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ନିଜ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିବ। ରାଜନୀତି, ନିର୍ମାଣ ଓ କଳା କ୍ଷେତ୍ରରେ ସୁନାମକୁ ନେଇ ନିକଟସ୍ଥ ବ୍ୟକ୍ତିମାନେ ଈର୍ଷାନ୍ୱିତ ହେବେ। ଆନୁଷ୍ଠାନିକ କାମ ସକାଶେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବିଛା** – ଆଜି କୌଣସି କଥାକୁ ଭଲ ଭାବେ ନ ବୁଝି ସରଳ ବିଶ୍ୱାସକରି ଠକିଯାଇପାରନ୍ତି। ନିଜ ପରିସରର ଲୋକ ଅପଯଶ ଗାଇ ବୁଲିବେ, ଯଦ୍ୱାରା ଆପଣଙ୍କ ମନୋବଳ ହ୍ରାସ ପାଇବ। କେତେକ କ୍ଷେତ୍ରରେ ଶୀଘ୍ର ନିଷ୍ପତ୍ତି ନେବାକୁ ବାଧହୋଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ଖୁସି ରହିପାରେ।

**ଧନୁ** – ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ରକ୍ଷା ନ କଲେ ଅର୍ଥହାନି ଓ ଶରୀର ପୀଡ଼ାରୁ କଷ୍ଟ ପାଇବେ। ଆଗାମୀ ଦିନର ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଅଫିସ୍ କାମରେ ସହକର୍ମୀ କଡ଼ା ଭାଷାରେ ଦି'ପଦ ଶୁଣାଇ କାମଟି ଶେଷରେ କରିଦେବେ। ମାଲି ମକଦ୍ଦମା ରାୟ ଆପଣଙ୍କ ସପକ୍ଷରେ ଯିବ।

**ମକର** – ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବେ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଧାର କରି କାମ କରିବାକୁ ବାଧ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେବା ଆଶଙ୍କାକୁ ଏଡ଼ିହେବ ନାହିଁ।

**କୁମ୍ଭ** – ଆପଣଙ୍କ ସକାଶେ ଆଜି ବିଭିନ୍ନ ସମସ୍ୟା ଆସିବା ଆଭାସ ପାଇପାରନ୍ତି। ଶିଳ୍ପ,ବାଣିଜ୍ୟ,ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂରହୋଇପାରେ। ପରିବାରରେ ନିଜ ନିଜ ଭିତରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବାରୁ ସମ୍ଭାବ୍ୟ ସହଯୋଗର ଆଶା କରିପାରନ୍ତି ।

**ମୀନ** – ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ପାଇବେ। କର୍ମକ୍ଷେତ୍ରରେ ସମସ୍ୟାଗୁଡ଼ିକ ଆପଣାଛାଏଁ ସୁଧୁରିଯିବ। କିନ୍ତୁ ଶାରୀରିକ ସୁସ୍ଥତା ନ ଥିବାରୁ ଉପଭୋଗ୍ୟ ହେବନାହିଁ। ଅନ୍ୟମାନଙ୍କୁ ମନେଇ କିମ୍ବା ପିଠି ଥାପୁଡ଼େଇ କାମ ହାସଲ କରିବେ। କଳା, ସାହିତ୍ୟ ପ୍ରତି ଅନୁରାଗ ବଢ଼ିବ ଓ ପ୍ରଶଂସିତ ମଧ୍ୟ ହେବେ।


# classifieds Everyday 0674-2580101, 2549302



**SALE**

Buy & sell used 2 wheeler of any company. No legal hassle payment through Bank. Renovated for best quality. Free home valuation. JMG Automobile, Professorpara, Canalroad, Cuttack. Call- 8093080009/10. D-21768



**SALE**

ମାସିକ ମାତ୍ର 3690/- ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989 D-71711

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.- 150/- (outright). 9348232008. D-21774

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ commercial Hub "Grandbazar" ସମ୍ମୁଖରୁ 1 k.m. ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 9078699286. D-71714

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71177

**Residential cum commercial road side plot, Niali Road @ 750 Sft., residential plots with boundary wall, Electricity system, homely temple, Nakhara 7 Km., BBSR-12 Km., 8249851363, 7809525452.** D-70485

Flats at Puri nearest Jagannath Temple with Rera PKDA book @3Lakhs. Contact: 9124289585. D-21846

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ **14,40,000/-ରେ ମିଳୁଛି। 9437033320.** D-71705



**Construct your home @ 850/-, 1300/- includes architecture, structure with 3year FMC, provide BDA plan approval, Boring/ interiorwork SNV Construction. 9439295469.** D-71710

**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888



Ashirvaad Salon and SPA get good massage for your health tha best therapy. 7077181074. D-70491

Newly open SPA positively health benefits by expert therapist. 7846814019. D-71423

Swarna SPA newly open positively health benefits with expert therapist. 9556978408. D-71172

Newly open SPA positively health benefit with Expert. Contact: 7749976301. D-71174

**Refreshing your mind, your body with tha best therapy at Lotus Spa. 8018891951.** D-70493

Newly open Saikrupa Panchakarma Spa positively health benefits with Expert. 8984068077. D-21804

**LOST**

ମୁଁ ଶ୍ରୀ ହେମନ୍ତ କୁମାର ନାୟକ, ପିତା- କମଳ ଲୋଚନ ନାୟକ ମୋର ବନ୍ଦୋବସ୍ତ ଜମି ପଟ୍ଟା ଯାହାର ଖତିଆନ ନଂ.-୩୩୧, ମୌଜା- ଡଙ୍ଗରିଗୁଡ଼ା ୨ ଗୋଟି ଓରିଜିନାଲ ପଟ୍ଟା କୋକସରା ତହସିଲ କାର୍ଯ୍ୟାଳୟରୁ ଘରକୁ ଆସୁଥିବା ସମୟରେ କେଉଁ ପାଖରେ ହଜି ଯାଇଛି। ବର୍ତ୍ତମାନ ଉକ୍ତ ଜମିକୁ ଭାରତୀୟ ଷ୍ଟେଟବ୍ୟାଙ୍କ ଚାରବାହାଲ ଶାଖାରେ ବନ୍ଧକ କରିବା ପାଇଁ ଯାଉଅଛି। ଏଣୁ କାହାର ଆପତ୍ତି ଅଭିଯୋଗ ଥିଲେ ଜଣାଇପାରନ୍ତି। ଧ-୨୧୮୪୨

I, K Simran, D/o. Sunil Khandual, Karigara Sahi, Maruti Nagar, Dhenkanal, have lost marksheet and certificate of class 10th ICSE, Unique ID:- 6650467, If found please contact-9937662648. D-70357

**AFFIDAVIT**

By virtue of an affidavit before the Notary Public, Bhubaneswar, dtd. 15.03.2017, I Saswati Acharya, W/o- Sri Gobinda Chandra Acharya plot No.- 842/1447, Netaji Vihar road No.- 3, Rasulgarh, Bhubaneswar 751010 have changed my name from Saswati Acharya to Sarathi Acharya. Henceforth I will be known as Sarathi Acharya for all purposes. D-21847

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ପାଣି ପଞ୍ଚାୟତ କର୍ମକର୍ତ୍ତା ନିର୍ବାଚନ

ବନ୍ତ,(ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ଜଳସେଚନ କାର୍ଯ୍ୟାଳୟ ସେକ୍ସନ-୨ ଅଧୀନ ୩୦ ନଂ. ଜୟଦୁର୍ଗା ପାଣି ପଞ୍ଚାୟତର କର୍ମକର୍ତ୍ତା ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପାଣି ପଞ୍ଚାୟତର ୨୮ ଜଣ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟଙ୍କ ମଧ୍ୟରୁ ସଭାପତି ଭାବେ ରବୀନ୍ଦ୍ର ସେଠୀ, ସମ୍ପାଦକ ନୃସିଂହ ଚରଣ ପରିଡ଼ା ଓ କୋଷାଧ୍ୟକ୍ଷ ଭାବେ ଅନନ୍ତ ନାୟକ ନିର୍ବାଚିତ ହୋଇଛନ୍ତି। କନିଷ୍ଠ ଯନ୍ତ୍ରୀ ଅମୂଲ୍ୟ କୁମାର ରାଉତ, ମନୋଜ କୁମାର ସେଠୀ ନିର୍ବାଚନ ପରିଚାଳନା କରିଥିବା ବେଳେ କର୍ମଚାରୀ ପ୍ରଶାନ୍ତ ରାଉତଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ମୋବାଇଲ ଲୁଟ୍

ପାଟଣା,୪।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସର ଅଶୟକାନ୍ତ ନାୟକଙ୍କ ମୋବାଇଲ ଦୋକାନରୁ ରବିବାର ବିଳମ୍ବିତ ରାତିରେ ପଛ ପଟ କାନ୍ଥ କଣା କରି କେହି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ମୋବାଇଲ ଲୁଟ୍ କରିନେଇଛନ୍ତି। ଏନେଇ ପାଟଣା ପୋଲିସ ଏକ ମାମଲା (ନଂ.୧୬୪/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ପାଟଣା ଥାନା ଅଞ୍ଚଳରେ କିଛି ଦିନ ହେଲା ଚୋରି ଏବଂ ଲୁଟ୍ ସକ୍ରିୟ ହେବାରେ ଲାଗିଛି। ରାତ୍ରିକାଳୀନ ପାଟ୍ରୋଲିଂ ହେଉ ନ ଥିବାରୁ ଏପରି ଘଟୁଛି ବୋଲି ସ୍ଥାନୀୟବାସୀ କହିଛନ୍ତି।

### ବେଆଇନ ବାଲି ପରିବହନ: ହାଇୱା ଚାଳକ ଗିରଫ

ଭଣ୍ଡାରିପୋଖରୀ,୪।୧୦(ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ପୋଲିସ ସୋମବାର ବେଆଇନ ଭାବେ ବାଲି ପରିବହନ କରୁଥିବା ଏକ ହାଇୱାକୁ ୧୬ ନଂ. ଜାତୀୟ ରାଜପଥର କହରାପୋଖରୀ ଛକ ନିକଟରୁ ଜବତ କରିଛି। ଏଥିସହ ହାଇୱା ଚାଳକ ବାଲେଶ୍ୱର ଜିଲା ଗୋପାଳପୁର ଅଞ୍ଚଳର ରୋହିତ ଦଲେଇଙ୍କୁ ପୋଲିସ ଗିରଫ କରିଛି। ଏନେଇ ଭଣ୍ଡାରିପୋଖରୀ ତହସିଲଦାରଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ.୩୦୨/୨୧) ରୁଜୁ କରାଯାଇଛି।

### ନିଆଁରେ ଜଳିଗଲେ ୪ ଗୋରୁ

ଭଣ୍ଡାରିପୋଖରୀ,୪।୧୦(ଡି.ଏନ.ଏ)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ପୁରିପଡ଼ା ଗ୍ରାମରେ ରବିବାର ବିଳମ୍ବିତ ରାତିରେ କୈଳାସ ଚନ୍ଦ୍ର ରାଉତଙ୍କ ଗୁହାଳେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳି ଯାଇଥିବା ବେଳେ ୪ ଗୋରୁ ଜୀବନ୍ତ ଦଗ୍ଧ ହୋଇଛନ୍ତି। ସୂଚନା ଅନୁଯାୟୀ, କୈଳାସଙ୍କ ଗୁହାଳେ ଦିଆଯାଇଥିବା ମଶା ଧୂଆଁରୁ ନିଆଁ ଲାଗି ଗୁହାଳ ସହ ଏକ ବାସଗୃହ ପୋଡ଼ି ଯାଇଥିଲା। ଭଣ୍ଡାରିପୋଖରୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଟ୍ରେନରେ କଟି ଯୁବକ ମୃତ

ବାରିପଦା ଅଫିସ,୪।୧୦: ମୟୂରଭଞ୍ଜ ଜିଲା ଦେଇ ଯାଉଥିବା ବାଙ୍ଗରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେତନଟୀ ଥାନା ଅଧୀନ ଦଲକି ଗ୍ରାମର ଶ୍ରୀକାନ୍ତ ମହାକୁଡ଼। ଏ ନେଇ ଜିଆରପି ପୋଲିସ ଏକ ମାମଲା ରୁଜୁ କରିଛି।

### ଏକାଦଶାହରେ ଅରିନ୍ଦମଙ୍କୁ ଶ୍ରଦ୍ଧାଞ୍ଜଳି

ପାଟଣା,୪।୧୦(ସ୍ୱ.ପ୍ର.): ପୈତୃକ ଗାଁ କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ପଞ୍ଚାୟତ ରାଇକଳାରେ ସୋମବାର ସାମ୍ବାଦିକ ଅରିନ୍ଦମ ଦାସଙ୍କ ଏକାଦଶାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପାଟଣା ବିଧାୟକ ଜଗନ୍ନାଥ ନାଏକ, ଓଟିଭିର ବୈଜନ୍ତ ପଣ୍ଡାଙ୍କ ଝିଅ ଲିତିଶା ମଙ୍ଗତ ପଣ୍ଡା, ଓଟିଭି ସିଇଓ ଜାଗି ମଙ୍ଗତ ପଣ୍ଡା, ବିଜେଡି ଜିଲା ସଭାପତି ମାଧବ ସର୍ଦ୍ଦାର, ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା,ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ।

# ଏମ୍‌ପିସି କଲେଜରେ ଛାତ୍ର ଅଶାନ୍ତି

## ରି-ଆଡ୍‌ମିଶନ ଫି' ହ୍ରାସ ଦାବିରେ ବିକ୍ଷୋଭ କଲେ ଛାତ୍ରୀଛାତ୍ର


କଲେଜ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ର ବିକ୍ଷୋଭ କରୁଛନ୍ତି।

ବାରିପଦା ଅଫିସ,୪।୧୦

ମୟୂରଭଞ୍ଜ ଜିଲା ବାରିପଦା ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖା ଦେଇଛି। କୋଭିଡ୍ ମହାମାରୀ ସମୟରେ ରି-ଆଡମିଶନ ଫି ହ୍ରାସ କରିବା ଦାବିରେ ସୋମବାର ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ମହାବିଦ୍ୟାଳୟ ପକ୍ଷରୁ ସମନ୍ୱିତ ଶିକ୍ଷା ସ୍ନାତକ ଓ +୩ ଦ୍ୱିତୀୟ ବର୍ଷର ରି-ଆଡମିଶନ ଦେୟକୁ ୬୦ପ୍ରତିଶତ କମ୍ କରିବା ପାଇଁ ଛାତ୍ରୀଛାତ୍ରମାନେ ଦାବି କରି ଆସୁଛନ୍ତି। ମାତ୍ର ଅଧିକାରୀମାନେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ୪ଶହ ପିଲାଙ୍କୁ ୩ଜଣ ଅଧ୍ୟାପକ ରହୁଥିବାରୁ ପାଠପଢାରେ ଘୋର ବ୍ୟାଘାତ ହେଉଛି। ବରିଷ୍ଠ ଶିକ୍ଷକ ନିଯୁକ୍ତି ସହିତ କଲେଜର ଆବଶ୍ୟକ ଭିତିଭୂମି ପ୍ରସ୍ତୁତ କରିବା ପାଇଁ +୩ ତୃତୀୟ ବର୍ଷର ଛାତ୍ରୀ ଶୁଭଶ୍ରୀ ମହାନ୍ତ ଦାବି କରିଛନ୍ତି। ସେହିପରି +୩ ରାଜନୀତି ବିଜ୍ଞାନ ବିଭାଗର ଛାତ୍ର ତୋଫାନ କୁମାର ହେମ୍ବ୍ରମ କୁହନ୍ତି, କରୋନା ମହାମାରୀ ସମୟରେ ଗରିବ ଛାତ୍ରୀଛାତ୍ରମାନେ ରି-ଆଡ୍‌ମିଶନ ଫି ସମ୍ପୂର୍ଣ୍ଣ ଦେବାକୁ ଅସମର୍ଥ ହେଉଛନ୍ତି। ଏ ସଂକ୍ରାନ୍ତରେ ମହାବିଦ୍ୟାଳୟର ଅଧକ୍ଷା ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା କୁହନ୍ତି, ଛାତ୍ରୀଛାତ୍ରଙ୍କ ଦାବିକୁ ନେଇ ସରକାରଙ୍କୁ ଜଣାଇବା ପରେ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବେଆଇନ ବାଲି ବୋଝେଇ ଟ୍ରକ୍ ଜବତ, ୧୬ ଗିରଫ

ଛେଣ୍ଡିପଦା,୪।୧୦(ସ୍ୱ.ପ୍ର)

ଛେଣ୍ଡିପଦା ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୧୦ରୁ ଊର୍ଦ୍ଧ୍ୱ ବେଆଇନ ବାଲି ବୋଝେଇ ଟ୍ରକ୍ ଜବତ କରିବା ସହିତ ୧୬ ଜଣଙ୍କୁ ଗିରଫ କରିଛି।

ଘଟଣାରୁ ପ୍ରକାଶ, ଛେଣ୍ଡିପଦା ଥାନା ଅଞ୍ଚଳରେ ଥିବା କମ୍ପସଲା ବାଲିଘାଟ ଓ ସୀମାନ୍ତ ଦେବଗଡ ଜିଲା ରିଆମାଳ ଥାନା ବୁଢାପାଳ ଗ୍ରାମ ନିକଟସ୍ଥ ଟିକିରା ବାଲି ଘାଟରୁ ବେଆଇନ ଭାବେ ବାଲି ବୋଝେଇ ଟ୍ରକ୍ ଛେଣ୍ଡିପଦା ଥାନା ସମ୍ମୁଖ ଦେଇ ଯାତାୟାତ କରୁଥିଲା। ଛେଣ୍ଡିପଦା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ବିଶ୍ୱସ୍ତସୂତ୍ରରୁ ଖବରପାଇ ଛେଣ୍ଡିପଦା ଦେବଗଡ ଛକ ନିକଟରୁ ୬ଟି ବେଆଇନ ବାଲି ବୋଝେଇ ଟ୍ରକ ଓ କୋଶଳା ଠାରୁ ୪ଟି ବେଆଇନ ବାଲି ବୋଝେଇ ଟ୍ରକ ଜବତ କରିଥିଲା। ତଦନ୍ତବେଳେ ଉକ୍ତ ଟ୍ରକ ଗୁଡିକ ରାଜସ୍ୱ ଫାଙ୍କି ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ଜଣାପଡିଥିଲା। ପୋଲିସ ୧୦ଟି ଟ୍ରକ ଜବତ କରିବା ସହିତ ଗାଡିର ୧୦ ଜଣ ଚାଳକ ଓ ୬ଜଣ ଖଲାସିଙ୍କୁ ଗିରଫ କରିଛି। ଏ ନେଇ ଛେଣ୍ଡିପଦା ଥାନା କେସ ନଂ ୪୬୨/୨୧ ଓ ୪୬୩/୨୧ରେ ଦୁଇଟି ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଜଗବନ୍ଧୁ ପ୍ରଧାନ (୩୪), ସନ୍ତୋଷ ଉଦାବର(୩୫), ଦୁଶାସନ ନାଏକ (୩୩), ସୁରେଶ ନାୟକ(୧୯), ଉଦୟନାଥ ଗୁରୁ(୫୧), ଭ୍ରମର ନାୟକ (୩୨), ଗିରିଶ ମହାକୁଡ(୩୬), ସୁରେଶ ଚନ୍ଦ୍ର ଲହରା(୩୪), ନବ ଲହାର(୩୭), ଦେବରାଜ ବେହେରା (୪୬), ଜିତେନ୍ଦ୍ର ପାତ୍ର(୨୬), ଲକ୍ଷ୍ମୀଧର ବେହେରା (୨୧), କୃଷ୍ଣଚନ୍ଦ୍ର ସାହୁ(୪୧), ସଞ୍ଜୟ କର୍ମୀ (୩୩), ପିଣ୍ଟୁ ବେହେରା(୨୯), ବସନ୍ତ କୁମାର ବେହେରା(୩୦)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଛେଣ୍ଡିପଦା ଥାନା ଏସଆଇ ସଂଘମିତ୍ରା ଶତପଥୀ ଓ ଏସଆଇ ଆଶିସ କୁମାର ଦାଶ ପ୍ରକାଶ କରିଛନ୍ତି।

# ବୋନସ ମାଗିଲା ଶ୍ରମିକ ସଙ୍ଗଠନ



ବୈଠକରେ ଉପସ୍ଥିତ ନାଲ୍‌କୋ ଅଧିକାରୀଙ୍କ ସମେତ ଅନ୍ୟମାନେ।

ବଅଁରପାଳ,୪।୧୦(ଡି.ଏନ.ଏ.)

ନାଲ୍‌କୋ କର୍ମଚାରୀମାନଙ୍କୁ ଦଶହରା ବୋନସ ପ୍ରଦାନ ପାଇଁ ୧୧ ଶ୍ରମିକ ସଂଗଠନ ଦାବି କରିଛନ୍ତି। ଏ ନେଇ ସୋମବାର ଭୁବନେଶ୍ୱରସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନାଲ୍‌କୋ ସିଏମ୍‌ଡି ଓ ଏଚ୍‌ଆରଡି ନିର୍ଦ୍ଦେଶକ ଏବଂ ବିଭିନ୍ନ ୟୁନିଅନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ନାଲ୍‌କୋ ଦାମନଯୋଡି, ଭୁବନେଶ୍ୱର କର୍ପୋରେଟ, ସିପିପି ଓ ସ୍ମେଲଟର ପ୍ଲାଣ୍ଟର ୧୧ ଶ୍ରମିକ ସଙ୍ଗଠନ ଯୋଗ ଦେଇଥିଲେ। ନାଲ୍‌କୋ କର୍ମଚାରୀଙ୍କ ନ୍ୟାର୍ଯ୍ୟ ଦାବି ସହ ସମସ୍ତଙ୍କୁ ଦଶହରା ବୋନସ ଯୋଗାଇ ଦେବା ପାଇଁ ସମସ୍ତ ଶ୍ରମିକ ନେତା କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ। ଏହି ଆଲୋଚନାରେ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିଅନ ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା, କାର୍ଯ୍ୟକାରୀ ସଭାପତି ବିଭବ ଜେନା, ସୁଜିତ୍ ସେଠ, ନେସ ସଭାପତି ପ୍ରଫୁଲ୍ଲ ସାହୁ, ସାଧାରଣ ସମ୍ପାଦକ ନିର୍ମଳ ସାମଲ, ନେପୁ ସାଧାରଣ ସମ୍ପାଦକ ବୈରାଗୀ ସେଠ, କାର୍ଯ୍ୟକାରୀ ସଭାପତି ମାଙ୍ଗିଲାଲ ସାମଲ, ଜିତେନ୍ଦ୍ର ଜେନା, ଏନଏନୟୁର ସାଧାରଣ ସମ୍ପାଦକ ରତ୍ନାକର ପରିଡ଼ା, କାର୍ଯ୍ୟକାରୀ ସଭାପତି ନିର୍ମଳ ଶତପଥୀ, ବିଦ୍ୟୁତ୍ ମଜଦୁର ସଙ୍ଘ ସାଧାରଣ ସମ୍ପାଦକ ମନୋଜ ଅମାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନ ସଚେତନତା ଶୋଭାଯାତ୍ରା

ବଡ଼ବିଲ, ୪।୧୦(ସ୍ୱ.ପ୍ର)

କେନ୍ଦୁଝର ଜିଲା ବଡବିଲସ୍ଥିତ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଶନିବାର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଏକ ଆଇନ ସଚେତନତା ଶୋଭାଯାତ୍ରା ବିଭିନ୍ନ ଅଞ୍ଚଳ ପରିକ୍ରମା କରିଛି। ଏହି ଉତ୍ସବରେ ସମିତି ଅଧକ୍ଷ ତଥା ଜେଏମ୍‌ଏଫ୍‌ସି(୧ମ) ପତିତପାବନ ପଣ୍ଡା ଅଧକ୍ଷତା କରିଥଲାବେଳେ ଜେଏମ୍‌ଏଫ୍‌ସି(୨ୟ) ସିଦ୍ଧାନ୍ତ ମିଶ୍ର ଉପସ୍ଥିତ ରହିଥିଲେ। ଏହି ଅବସରରେ ଆଇନସେବା ସମ୍ପର୍କିତ ଏକ ସଚେତନତା ଶୋଭାଯାତ୍ରାକୁ ସମିତି ଅଧକ୍ଷ ତଥା ଜେଏମ୍‌ଏଫ୍‌ସି(୧) ସବୁଜ ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ। ସମିତିର ତାଲିକାଭୁକ୍ତ ଆଇନଜୀବୀ ରଞ୍ଜିତ ବାରିକଙ୍କ ନେତୃତ୍ୱରେ ଆଇନଜୀବୀ ବିଭୂତିଭୂଷଣ ଷଡଙ୍ଗୀ, ଚନ୍ଦ୍ର ଶେଖର ରାଉତ, ଶୁଭେନ୍ଦୁ ଗିରି ଓ ବସନ୍ତ ମହାପାତ୍ର ପ୍ରମୁଖଙ୍କ ସହ ଆଇନ୍ ସହାୟତା ସ୍ୱେଚ୍ଛାସେବୀମାନଙ୍କର ଏହି ଆଇନ ସଚେତନତା ଶୋଭାଯାତ୍ରା କୋର୍ଟ ସମ୍ମୁଖରୁ ବାହାରି ବିଭିନ୍ନ ବସ୍ତି ଅଞ୍ଚଳ ପରିକ୍ରମା କରି ଫେରିଥିଲା।

# ଠିକାଦାରଙ୍କଠାରୁ ଝାମ୍ପିନେଲେ ୨ ଲକ୍ଷ

କାମାକ୍ଷାନଗର,୪।୧୦(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ସୋମବାର ଜଣେ ଠିକାଦାରଙ୍କଠାରୁ ୨ ଲକ୍ଷ ଟଙ୍କା ଝାମ୍ପି ନିଆଯାଇଛି। ଠିକାଦାର ସର୍ବେଶ୍ୱର ବିଶ୍ୱାଳ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କାମାକ୍ଷାନଗର ଶାଖାରୁ ୨ ଲକ୍ଷ ଟଙ୍କା ଉଠାଇ ଚାଲି ଚାଲି ଯାଉଥିବାବେଳେ ହଠାତ୍ ପଛରୁ ଜଣେ ଦୁର୍ବୃତ୍ତ ବାଇକ୍‌ରେ ଆସି ଟଙ୍କା ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ସର୍ବେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ସହରର ବିଭିନ୍ନ ସ୍ଥାନରେ ଓ ବ୍ୟାଙ୍କରେ ଲାଗିଥିବା ସିସିଟିଭି ଫୁଟେଜ ପୋଲିସ ଅନୁଧ୍ୟାନ କରୁଛି।

# ଚାକିରି ନିୟମିତ କରିବାକୁ ବହୁଭାଷୀ ଶିକ୍ଷକଙ୍କ ଦାବି

କେନ୍ଦୁଝର, ୪।୧୦(ସ୍ୱ.ପ୍ର./ଡି.ଏନ.ଏ.)

ଚାକିରି ନିୟମିତ କରିବାକୁ ବହୁଭାଷୀ ଶିକ୍ଷକ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଜଣାଇବା ସହ ସୋମବାର ସରକାରଙ୍କୁ ଦାବି କରିଛନ୍ତି। ଜିଲା ବହୁଭାଷୀ କନିଷ୍ଠ ଶିକ୍ଷକ ସଂଘର ସଦସ୍ୟା/ସଦସ୍ୟ ମାନେ ସୁନିଲ କୁମାର ସମାଡଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୨୦୧୩-୧୪ ମସିହାରେ ରାଜ୍ୟର ୧୫ ଜିଲାର ୨୧ଟି ଭାଷାରେ ୩ ହଜାର ଶିକ୍ଷକ ନିଯୁକ୍ତି ପାଇଥିଲେ। ଏହି ଜିଲାରେ ହୋ, ସାନ୍ତାଳ, ଜୁଆଙ୍ଗ ଭାଷାରେ ୩୧୨ ଜଣ ନିଯୁକ୍ତି ପାଇଛନ୍ତି। ତିନି ବର୍ଷରେ କନିଷ୍ଠ ଶିକ୍ଷକ ଓ ସିଟି/ବିଏଡ କରି ଓଟିଇଟି ପାସ କରିଥିଲେ ଛଅ ବର୍ଷରେ ନିୟମିତ ହେବାର ନିୟମ ରହିଛି ବୋଲି ସେ କହିଛନ୍ତି। ଏଣୁ ସେଭଳି ସିଟି/ବିଏଡ ପାସ କରିବା ସହ ଓଟିଇଟି ପାସ କରିଥିବା ନିୟମିତ ଶିକ୍ଷକ ଭାବେ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

# ଖଣିଜ ପରିବହନ ବନ୍ଦ କଲେ ଟ୍ରକ୍ ମାଲିକ

ଯୋଡ଼ା,୪।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳ ଅଧୀନ ଜଜାଙ୍ଗ ଖଣିରେ ପରିବହନ ମୂଲ୍ୟ ବୃଦ୍ଧିକୁ ନେଇ ଚାଲିଥିବା ଧାରଣାରେ କୌଣସି ସମାଧାନ ନ ହେବାରୁ ସୋମବାର ଶତାଧିକ ଟ୍ରକ୍ ମାଲିକ ଖଣିଜ ପରିବହନ କାର୍ଯ୍ୟକୁ ବନ୍ଦ କରିଦେଇଥିଲେ। ଘଟଣାସ୍ଥଳରେ କେନ୍ଦୁଝର ଡିଏସ୍‌ପି ପ୍ରକାଶ ଜେମସ ଟପ୍ପୋ, ବଡ଼ବିଲ ଏସ୍‌ଡିପିଓ ସୁଧାଂଶୁ ଭୂଷଣ ବେହେରା, ଯୋଡ଼ା ଆଇଆଇସି ପଦ୍ମାଳୟା ସାହୁ, ବାମେବାରୀ ଓଆଇସି ମନୋରଞ୍ଜନ ବିଶି ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଟ୍ରକ ମାଲିକଙ୍କ ଅଭିଯୋଗ ଅନୁଯାୟୀ, ରବିବାର ରାତିରେ ପୋଲିସ ସଂଘର କେତେକ କର୍ମକର୍ତ୍ତାଙ୍କୁ ଉଠାଇ ନେଇଛି। ସେମାନଙ୍କୁ ତୁରନ୍ତ ଛାଡ଼ିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ସନ୍ଧ୍ୟା ୫ଟା ବେଳେ ଆଲୋଚନା କରି ଏହାର ସମାଧାନ କରାଯିବ ବୋଲି ସଂଘ ସଭାପତି ଚତୁର୍ଭୁଜ ପଲେଇ ଓ କର୍ମକର୍ତ୍ତାଙ୍କୁ ପୋଲିସ ପ୍ରତିଶ୍ରୁତି ଦେବା ପରେ ସାମୟିକ ଭାବେ ପରିବହନକୁ ଚାଲୁ କରିଥିଲେ । ସୂଚନାଯୋଗ୍ୟ ଯେ, ମାଇନିଂ ଏରିଆ ଟ୍ରକ ମାଲିକ ସଂଘ ପରିବହନ ମୂଲ୍ୟ ବୃଦ୍ଧି ନେଇ ଧାରଣା ଦେଉଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ପକ୍ଷରୁ ଯୋଡ଼ା ବିଜେଡି ନଗର ଉପସଭାପତି ସତ୍ୟାନନ୍ଦ କାରୁଆଙ୍କୁ ମାଡ଼ ମରାଯାଇଥିଲା। ପରେ ଏହି ଘଟଣାକୁ କେନ୍ଦ୍ର କରି ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଏନେଇ ସଂଘ ସଭାପତି ଚତୁର୍ଭୁଜ ପଲେଇ କହିଛନ୍ତି ଯେ,ଡିଜେଲ ମୂଲ୍ୟ ବଢିବା ପୂର୍ବରୁ ପରିବହନ ମୂଲ୍ୟ ପ୍ରାୟ ୪୦୦ଟଙ୍କା ଥିଲା ପରେ ଏହାକୁ ୩୮୩ଟଙ୍କା କରାଗଲା। ଡିଜେଲ ମୂଲ୍ୟ ଏବେ ପ୍ରାୟ ୧୦୦ଟଙ୍କାକୁ ଛୁଇଁଥିଲା ବେଳେ ପରିବହନ ମୂଲ୍ୟ ପ୍ରାୟ ୩୪୦ଟଙ୍କାକୁ ହ୍ରାସ କରାଯାଇଥିବା ହେତୁ ଟ୍ରକ ମାଲିକମାନେ କ୍ଷତି ସହୁଛନ୍ତି। ଏ ନେଇ କମ୍ପାନୀ ଓ ପରିବହନ ଠିକାଦାର କର୍ଣ୍ଣପାତ କରୁ ନ ଥିବା ସେ କହିଛନ୍ତି।

# ବନ୍ୟପ୍ରାଣୀଙ୍କ ଭୂମିକା ଉପରେ ଆଲୋଚନା


କାର୍ଯ୍ୟକ୍ରମରେ ଉପସ୍ଥିତ ବନସଂରକ୍ଷଣ ସମିତିର ସଭାପତି ଓ ସମ୍ପାଦକମାନେ।

ଛେଣ୍ଡିପଦା,୪।୧୦(ସ୍ୱ.ପ୍ର.)

ଛେଣ୍ଡିପଦା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ସୋମବାର ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ରାଉଳଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରଦୀପ କୁମାର ସାହୁ ଯୋଗଦେଇ ପରିବେଶ ସୁରକ୍ଷାରେ ବୃକ୍ଷରୋପଣ ଓ ବନ୍ୟପ୍ରାଣୀ ସୁରକ୍ଷାରେ ବନ ସଂରକ୍ଷଣ ସମିତିର ଭୂମିକା ଉପରେ ଆଲୋଚନା କରିଥିଲେ। ସେହିପରି ପରିବେଶ ସନ୍ତୁଳନରେ ବନ୍ୟପ୍ରାଣୀଙ୍କ ଭୂମିକା ରହିଥିବା ପ୍ରଦୀପ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ଦିଲୀପ କୁମାର ସାହୁ ଯୋଗ ଦେଇଥିଲେ। ଛେଣ୍ଡିପଦା ବନପାଳ ପଦ୍ମଚରଣ ସାହୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଶଳା ବନପାଳ ଦୀପକ କୁମାର ସେଠୀ, ବନପାଳ ମହେଶ୍ୱର ସେଠୀ, ବନାଞ୍ଚଳର ସମସ୍ତ ବନରକ୍ଷୀ, ବନସଂରକ୍ଷଣ ସମିତିର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ବେଣ୍ଟକାରପଡ଼ା ଚାମ୍ପିୟନ

ଠାକୁରମୁଣ୍ଡା,୪।୧୦(ଡି.ଏନ.ଏ.)

ଠାକୁରମୁଣ୍ଡା ବ୍ଲକ ଜରକ ପଞ୍ଚାୟତ ଅନ୍ତର୍ଗତ ଭଦୁବେଡ଼ା ଗ୍ରାମରେ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମହୁଲଡ଼ିହା ଟିମ୍‌କୁ ହରାଇ ବେଣ୍ଟକାରପଡ଼ା ଦଳ ଚାମ୍ପିୟନ ହୋଇଥିଲା। ସେହିପରି ପତ୍ରପଡ଼ା ଟିମ୍ ତୃତୀୟ ଓ ଦୁମ୍ବୀ ସାହି ଦଳ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ରେଫରୀ ଭାବେ ଗୁଲସନ କୁମାର ବେହେରା, ମାନସ କୁମାର ଗୁଡ୍ଡୁ, ଲକ୍ଷ୍ମଣ ଗଗରାଇ, ଘାସିରାମ ପୂର୍ତ୍ତି ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ କମିଶନରେଟ ପୋଲିସର ଅତିରିକ୍ତ ଡିସିପି ବ୍ରଜମୋହନ ନାୟକ, ସମ୍ମାନୀତ ଅତିଥି ଚିଦାନନ୍ଦ ଆଚାର୍ଯ୍ୟ, ସମିତି ସଭ୍ୟ ରଞ୍ଜନ ମହାନ୍ତ, ମୁଖ୍ୟବକ୍ତା ଭାବେ ଧୀରେନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ବିଜୟୀ ଟିମ୍‌ଗୁଡ଼ିକୁ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବର ସଭାପତି ରାହାସ ନାଏକ ଓ ସମ୍ପାଦକ ସୁଭାଷ ଚନ୍ଦ୍ର ନାୟକ ପରିଚାଳନାରେ ସହଯୋଗ କରିଥିଲେ।

# ଖଟିଆରେ ବୁହା ହେଲେ ଗର୍ଭବତୀ

ଠାକୁରମୁଣ୍ଡା,୪।୧୦(ଡି.ଏନ.ଏ.)

ଖଟିଆରେ ୨ କି.ମି ବୁହା ହୋଇ ଜଣେ ଗର୍ଭବତୀ ଡାକ୍ତରଖାନା ଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଭାଲିଆଡାଳ ଗ୍ରାମ ବେଣ୍ଣୁଆଦର ସାହିରେ ସୋମବାର ଏହି ଘଟଣା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ସକାଳେ ବେଣ୍ଣୁଆଦର ସାହିର ରାମ ପୂର୍ତ୍ତିଙ୍କ ସ୍ତ୍ରୀ ସମ୍ବାରିଙ୍କ ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ଫୋନ ଯୋଗେ ୧୦୮ ଆମ୍ବୁଲାନ୍ସକୁ ଡାକିଥିଲେ। ମାତ୍ର ଭାଲିଆଡାଳରୁ ବେଣ୍ଣୁଆଦରକୁ ପ୍ରାୟ ୨ କି.ମି. ରାସ୍ତା ଅତି ଖରାପ ଥିବାରୁ ଆମ୍ବୁଲାନ୍ସ ଯାଇ ନ ପାରି ଅଟକି ରହିଥିଲା। ଫଳରେ ଗର୍ଭ ଯନ୍ତ୍ରଣା ପାଉଥିବା ସମ୍ବାରିଙ୍କୁ ଗ୍ରାମବାସୀଙ୍କ ସହାୟତାରେ ଏକ ଖାଟିଆରେ ଆମ୍ବୁଲାନ୍ସ ପାଖକୁ ବୋହି ଅଣାଯାଇଥିଲା। ସେଠାରୁ ଆମ୍ବୁଲାନ୍ସରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଅପରାହ୍ନରେ ସମ୍ବାରି ଏକ କନ୍ୟା ପ୍ରସବ କରିଥିବା ବେଳେ ମା' ଓ ଶିଶୁ କନ୍ୟାଙ୍କ ଅବସ୍ଥା ଭଲ ଥିବା ସୂଚନା ମିଳିଛି।


ସମ୍ବାରିଙ୍କୁ ଖଟିଆରେ ବୋହି ନିଆଯାଉଛି।

# କେନ୍ଦୁଝରରେ ହେଉ ଆଦିବାସୀ ବିଶ୍ୱବିଦ୍ୟାଳୟ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ୫ ବିଧାୟକ

କେନ୍ଦୁଝର,୪।୧୦ (ସ୍ୱ.ପ୍ର.)

କେନ୍ଦୁଝର ହେଉଛି ଏକ ଆଦିବାସୀ ବହୁଳ ଜିଲା। ଏହି ଜିଲାରେ ୪୮ଟି ମହାବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିଲା। ପରେ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ୧୯୯୮ ମସିହାରେ ଏହି ମହାବିଦ୍ୟାଳୟ ଗୁଡ଼ିକୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅଲଗା କରି ୧୮୦ କି.ମି. ଦୀର୍ଘ ମୟୂରଭଞ୍ଜ ଜିଲା ବାରିପଦାଠାରେ ପ୍ରତିଷ୍ଠା କରାଯାଇଥିବା ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟରେ (ଏବେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ) ଅନ୍ତର୍ଭୁକ୍ତ କଲେ। ତେବେ ଦୂରତ୍ୱ ତଥା ଅସୁବିଧାକୁ ଦୃଷ୍ଟିରେ ରଖି ୨୦୧୫ ମସିହାରେ କେନ୍ଦୁଝରଠାରେ ବିଶ୍ୱ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ପ୍ରତିଷ୍ଠା କରାଯାଇଥିଲା। ତେବେ ଏହି ଦ୍ୱିତୀୟ କ୍ୟାମ୍ପସକୁ ପୂର୍ଣ୍ଣକାଳୀନ ବିଶ୍ୱବିଦ୍ୟାଳୟରେ ପରିଣତ କରାଯାଉ ବୋଲି ଘଷିପୁରା ବିଧାୟକ ବଦ୍ରିନରାୟଣ ପାତ୍ର, ତେଲକୋଇ ବିଧାୟକ ତଥା ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ, ପାଟଣା ବିଧାୟକ ଜଗନ୍ନାଥ ନାଏକ, ଚମ୍ପୁଆ ବିଧାୟକ ମୀନାକ୍ଷୀ ମହାନ୍ତ ପ୍ରମୁଖ ଲିଖିତ ଭାବେ ସରକାରଙ୍କୁ ଚିଠି (ନଂ.୨୧୭/ ୧।୧୦।୨୦୨୧) ଲେଖିଛନ୍ତି।

କେନ୍ଦୁଝରରେ ୧୪.୫୦ ଏକର ପରିମିତ ଜମିରେ ଚାଲିଥିବା ଏହି କ୍ୟାମ୍ପସରେ ଓଡିଆ, ଇଂରାଜୀ, ସଂସ୍କୃତ, ଭୂତତ୍ତ୍ୱ ବିଜ୍ଞାନ, ପଦାର୍ଥ ବିଜ୍ଞାନରେ ପିଜି ସମେତ ଏମ୍‌ଫିଲ ପାଠ୍ୟକ୍ରମ ଖୋଲାଯାଇଛି। ତେବେ ଅନେକ ସରକାରୀ କାମ ବାରିପଦାରେ ଏବେ ମଧ୍ୟ ଚାଲିଛି । ବାରିପଦାକୁ ଯାତାୟାତ ପାଇଁ ସବୁବେଳେ ବସ୍ ସୁବିଧା ନ ଥିବା ବେଳେ ଯିବାକୁ ୮ରୁ ୧୦ ଘଣ୍ଟା ସମୟ ଲାଗୁଛି। ଏଣୁ ଛାତ୍ର, କଲେଜ କର୍ତ୍ତୃପକ୍ଷ, ଏଠାରେ ଥିବା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସର କାର୍ଯ୍ୟରେ ବହୁ ସମସ୍ୟା ସୃଷ୍ଟି ହେଉଛି । ଫଳରେ ବିଶ୍ୱବିଦ୍ୟାଳୟ ପରିଚାଳନାରେ ନାନା ସମସ୍ୟା ସୃଷ୍ଟି ହେଉଥିବା ବିଧାୟକ ମାନେ ମତବ୍ୟକ୍ତ କରିଛନ୍ତି। ସେହିପରି ଡିଷ୍ଟାନ୍ସ ଏଜୁକେସନ ପାଠ୍ୟକ୍ରମ ଖୋଲିଥିଲେ ହେଁ ଅଦ୍ୟାବଧି ଚାଲିପାରୁନାହିଁ ବୋଲି ସେମାନେ କହିଛନ୍ତି। ଏଣୁ ଜିଲାରେ ଥିବା ପାଖାପାଖି ୫୦ ମହାବିଦ୍ୟାଳୟକୁ ଉକ୍ତ ବିଶ୍ୱ ବିଦ୍ୟାଳୟରୁ ଅଲଗା କରି ଏକ ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି । ରାଜ୍ୟର ଚାରିଭାଗରୁ ଏକ ଭାଗ ଏବଂ ଜିଲାର ତିନି ଭାଗରୁ ଏକ ଭାଗ ଲୋକ ଆଦିବାସୀ ଅଟନ୍ତି। ଏଣୁ ଏଠାରେ ଏକ ସ୍ୱତନ୍ତ୍ର ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ହେଲେ ଆଦିବାସୀଙ୍କର ମଧ୍ୟ ବିକାଶ ହୋଇପାରିବ। ମୟୂରଭଞ୍ଜ, ସୁନ୍ଦରଗଡ, କୋରାପୁଟ ଭଳି ଆଦିବାସୀ ଜିଲାରେ ସ୍ୱତନ୍ତ୍ର ବିଶ୍ୱ ବିଦ୍ୟାଳୟ ଖୋଲିଥିବାରୁ ଏହି ଜିଲାରେ ଆଦିବାସୀ ବିଦ୍ୟାଳୟ ପ୍ରତିଷ୍ଠା ହେଲେ ସମସ୍ତ ଉପକୃତ ହେବେ ଏବଂ ଏକ ରିସର୍ଚ୍ଚ ବିଶ୍ୱବିଦ୍ୟାଳୟ ଭାବରେ ଗୁରତ୍ୱ ବହନ କରିବ । ପୂର୍ବରୁ ଏହି ଜିଲାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଭାଜପା ବରିଷ୍ଠ ନେତା ସତ୍ୟବ୍ରତ ପଣ୍ଡାଙ୍କ ନେତୃତ୍ୱରେ ଏକ ଦଳ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ଦେଇଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ହୋମିଓପ୍ୟାଥିକ୍ ଡାକ୍ତରଙ୍କ ମୃତ୍ୟୁ

**ବସ୍ତା/ରୂପ୍‌ସା, ୪।୧୦(ଡି.ଏନ.ଏ.):** ବାଲେଶ୍ୱର ୬୦ନମ୍ବର ଜାତୀୟ ରାଜପଥର ମଥାନୀ ବାଇପାସ ନିକଟରେ ସୋମବାର ସଡ଼କ ଦୁର୍ଘଟଣା ଘଟି ଜଣେ ହୋମିଓପାଥିକ ଡାକ୍ତରଙ୍କ ମୃତ୍ୟୁ ଘଟିଛି। ମୃତ ଡାକ୍ତର ହେଲେ ବସ୍ତା ଥାନା ବାସୁଚକୁରାଇ ଗ୍ରାମର ଅନନ୍ତ କୁମାର ପାଲ (୫୯)। ସେ ନିଜ ବାଇକ୍‌ରେ ଔଷଧ ଆଣିବା ପାଇଁ ବାଲେଶ୍ୱର ଯାଉଥିଲେ। ମଥାନୀ ବାଇପାସ୍ ନିକଟରେ ରାଜପଥ ପାରି ହେଉଥିବା ବେଳେ ଜଳେଶ୍ୱର ପଟୁ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଜାତୀୟ ରାଜପଥ ଆମ୍ବୁଲାନ୍ସ ତାଙ୍କ ମୃତଦେହକୁ ଉଦ୍ଧାର କରି ବସ୍ତା ଡାକ୍ତରଖାନା ନେଇଥିଲା। ବସ୍ତା ପୋଲିସ ଟ୍ରକକୁ ଅଟକ ରଖି ଶବ ବ୍ୟବଚ୍ଛେଦ କରାଇଛି। ପାଲ ଜଣେ ହୋମିଓପ୍ୟାଥିକ ଡାକ୍ତର ଥିଲେ। ମଥାନୀ ନିକଟସ୍ଥ ପ୍ରୋଜେକ୍ଟଠାରେ ଏକ କ୍ଲିନିକ କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### 'ବରିଷ୍ଠଙ୍କ ପରାମର୍ଶ ସର୍ବଦା ଗ୍ରହଣୀୟ'

**ଖଇରା, ୪।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ଓ କୁପାରୀରେ ପୃଥକ ଭାବେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଖଇରା ଦୁର୍ଗାମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶରତ କୁମାର ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଖଇରା ବିଡିଓ ପର୍ଶୁରାମ ପଣ୍ଡା, ମୁଖ୍ୟବକ୍ତା ଭାବେ ଡା ପ୍ରଭାକର ମିଶ୍ର ଅତିଥି ଭାବେ ଯୋଗଦେଇ ବରିଷ୍ଠଙ୍କ ପରାମର୍ଶ ସାମାଜିକ କ୍ଷେତ୍ରରେ ପ୍ରୟୋଗର ଆବଶ୍ୟକତା ଅଛି ବୋଲି ପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ଶତପଥି ବିବରଣୀ ପାଠ, କୋଷାଧକ୍ଷ ଅନାମ ଚରଣ ପଣ୍ଡା ମଞ୍ଚ ଆହ୍ୱାନ, ଅନ୍ତର୍ଯ୍ୟାମୀ ପାତ୍ର ଅତିଥି ପରିଚୟ, କୃଷ୍ଣଚନ୍ଦ୍ର ପତ୍ରୀ ବେଦପାଠ କରିଥିଲେ। ଏହି ଅବସରରେ ଖଇରା ହାଇସ୍କୁଲର ପୂର୍ବତନ ଶିକ୍ଷକ ଭୋଳାନାଥ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭ୍ୟ ବୁଦ୍ଧିରାମ ନାଗରିକ ମଞ୍ଚ କଲ୍ୟାଣପାଣ୍ଠିକୁ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିଭଳି କୁପାରୀସ୍ଥିତ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ଆନୁକୂଲ୍ୟରେ ମା' ଅମ୍ବିକା ମନ୍ଦିର ପରିସରରେ ମଧ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ପ୍ରଫୁଲ୍ଲ କୁମାର ବେହେରା ସଭାପତିତ୍ୱ କରିଥିଲେ।
ରୋଗ ଶଯ୍ୟାରେ ପଡ଼ିଥିବା ୨ବରିଷ୍ଠ ନାଗରିକ ଗୋଲକ ଚନ୍ଦ୍ର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ଦାସଙ୍କୁ ଭିଟାମିନ ଓ ଫଳ ପ୍ରଦାନ କରାଯାଇଥିଲା। ସଂଘ ସମ୍ପାଦକ ଶତ୍ରୁଘ୍ନ ଦାସ, ବାସୁଦେବ ପଣ୍ଡା, ମାୟାଧର ନାୟକ, କୈଳାସ ପୃଷ୍ଟି ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

### ସଙ୍ଗଠନକୁ ମଜଭୁତ କରିବ ଜନସମ୍ପର୍କ ପଦଯାତ୍ରା

**ବସ୍ତା, ୪।୧୦(ଡି.ଏନ.ଏ.):** କଂଗ୍ରେସର ଜନ ସମ୍ପର୍କ ପଦଯାତ୍ରା ସୋମବାର ବସ୍ତା ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ନବଜ୍ୟୋତି ପଟ୍ଟନାୟକ ପଦଯାତ୍ରାରେ ସାମିଲ ହୋଇ ଲୋକଙ୍କ ଦୁଃଖ ସୁଖ ବୁଝିବା ସହ ସେମାନଙ୍କର ସମସ୍ୟା କିପରି ସମାଧାନ ହୋଇପାରିବ ସେନେଇ ଆଲୋଚନା କରିଥିଲେ। ପ୍ରଥମେ ପତ୍ରଝଡ଼ା, କୁଡ଼ିଆ ବାସୁଚକୁରାଇ ପଞ୍ଚାୟତ ଓ ପରେ ବ୍ରାହ୍ମଣଦା ପଞ୍ଚାୟତର ବିଭିନ୍ନ ଲୋକଙ୍କୁ ଭେଟି ସଙ୍ଗଠନକୁ ମଜବୁତ କରିବା ସହିତ ସବୁ ସମସ୍ୟାକୁ ସମାଧାନ କରାଯାଇପାରିବ ସେ ସମ୍ପର୍କରେ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ବନ୍ୟାରେ କ୍ଷତି ହୋଇଥିବା ଚାଷ ଜମି ବୁଲି ଦେଖିଥିଲେ। ଏସବୁ କାର୍ଯ୍ୟକ୍ରମରେ ବସ୍ତା କଂଗ୍ରେସ ନେତା ବିଜନ ନାୟକ, ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଜିଲା କଂଗ୍ରେସ କମିଟିର ଉପସଭାପତି ମନୋଜ କୁମାର ମହାନ୍ତି, ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା, ପତ୍ରଝଡ଼ା ପଞ୍ଚାୟତ ସରପଞ୍ଚ ତଥା ଜିଲା କଂଗ୍ରେସ ସମ୍ପାଦିକା ପ୍ରଣତି ସାହୁ, ସମିତିସଭ୍ୟ ରବିନ୍ଦ୍ର କୁମାର ଦାସ, ବ୍ଲକ କଂଗ୍ରେସ ଉପସଭାପତି ଜୟନ୍ତ କୁମାର ମହାପାତ୍ର, ନରେନ୍ଦ୍ର ଦାସ, ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ନାୟକ, ଜିଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କୋଭିଡ୍, ବର୍ଷାଜନିତ କ୍ଷୟକ୍ଷତି ସମୀକ୍ଷା

**ଢେଙ୍କାନାଳ ଅଫିସ,୪।୧୦**


ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଉପସ୍ଥିତ ଅଧିକାରୀମାନେ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲରେ ସୋମବାର ଜିଲାପାଳ ସରୋଜ କୁମାର ସେଠୀ ଜିଲାର କୋଭିଡ୍ ସ୍ଥିତି, ମିଶନ ଶକ୍ତି ଗୃହ ଓ ବର୍ଷାଜନିତ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି। ପର୍ବପର୍ବାଣି ଶେଷ ହେବା ପର୍ଯ୍ୟନ୍ତ ତଥା ଡିସେମ୍ବର ମାସ ଯାଏ କୋଭିଡ୍ ପ୍ରୋଟକଲ ଅନୁପାଳନର ଯାଞ୍ଚ ପ୍ରକ୍ରିୟା କଡାକଡି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଲୋକମାନଙ୍କୁ ସଚେତନ କରିବା ପାଇଁ ଡାକବାଜି ଯନ୍ତ୍ର ମାଧମରେ ପ୍ରତ୍ୟେକ ବ୍ଲକ, ଏନ୍‌ଏସି ଓ ପୌରାଞ୍ଚଳରେ ପ୍ରଚାର କରିବାକୁ କହିଛନ୍ତି। ଆଣ୍ଟିଜେନ ଓ ଆର୍‌ଟିପିସିଆର ଟେଷ୍ଟିଂ ଧାର୍ଯ୍ୟଲକ୍ଷ୍ୟ ପୂରଣ ଏବଂ ଟିକାକରଣ ପାଇଁ ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାରଙ୍କୁ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି। ସ୍ଥିତି ସମ୍ପୂର୍ଣ୍ଣ ନ ସୁଧୁରିବା ପର୍ଯ୍ୟନ୍ତ ସମସ୍ତେ ଯେପରି କୋଭିଡ୍ ପ୍ରୋଟକଲ ମାନି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବେ ସେଥିପ୍ରତି ସଜାଗ ରହିବାକୁ କୁହାଯାଇଛି। ୫-ଟି ବିଭାଗ ଅନ୍ତର୍ଗତ ମୋ ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମକୁ ଆଗେଇ ନେବା ସହିତ ସମସ୍ତ ବିଦ୍ୟାଳୟ ପରିବେଶକୁ ସବୁଜ ସୁନ୍ଦର କରିବା, ବର୍ଜ୍ୟବସ୍ତୁର ସଦୁପଯୋଗ କରି କମ୍ପୋଷ୍ଟ ପ୍ରସ୍ତୁତ କରିବା, ପରିବେଶ ଅନୁକୂଳ ବାତାବରଣରେ ବିଦ୍ୟା ଅଧ୍ୟୟନ, କାନ୍ଥ ଗୁଡିକରେ ମହାପୁରୁଷଙ୍କ ଚିତ୍ର ଅଙ୍କନ, ପାରମ୍ପରିକ ଚିତ୍ରକଳା ଆଙ୍କି ଓ ନୀତିବାଣୀ ଲେଖି ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ନିମନ୍ତେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଜିଲାପାଳ ସମସ୍ତ ବ୍ଲକର ବିଡିଓ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ମିଶନଶକ୍ତି ଗୃହ ଓ ମିଶନ ବଜାର, ପଞ୍ଚାୟତରେ ମାଛଚାଷ ସମ୍ପର୍କରେ ଆଲୋଚନା କରିବା ସହିତ ବର୍ଷାରେ କ୍ଷୟକ୍ଷତି ଆକଳନର ଚୂଡାନ୍ତ ରିପୋର୍ଟ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଭାରପ୍ରାପ୍ତ ଢେଙ୍କାନାଳ ଉପଜିଲାପାଳ ରବିନାରାୟଣ ତ୍ରିପାଠୀ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷଚନ୍ଦ୍ର ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ଆପତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଖମାର ସାହି ପୂଜା କମିଟିର ପ୍ରସ୍ତୁତି

**ଢେଙ୍କାନାଳ ଅଫିସ,୪।୧୦**

ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀ ପୂଜାକୁ କୋଭିଡ୍ କଟକଣା ମଧରେ ପାଳନ କରାଯାଉଥିବାରୁ ଚଳିତ ବର୍ଷ ଖମାରସାହି ଲକ୍ଷ୍ମୀପୂଜା କମିଟି ତରଫରୁ ପ୍ରସ୍ତୁତି ବୈଠକ ରବିବାର ସଭାପତି ସୁକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏ ସଂକ୍ରାନ୍ତରେ ପ୍ରସ୍ତୁତ ସାଢ଼େ ୫ଲକ୍ଷ ଟଙ୍କାର ବଜେଟ୍‌ରେ ମଣ୍ଡପ ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି। ମା'ଙ୍କ ପୂଜାକୁ ଶୃଙ୍ଖଳିତ କରିବା ପାଇଁ ଉପସଭାପତି ବସନ୍ତ ରଥଙ୍କ ଅଧକ୍ଷତାରେ ପୂଜା ପ୍ରସ୍ତୁତି ଉପକମିଟି, ସମ୍ପାଦକ ସୁଶାନ୍ତ ସାହୁଙ୍କ ଅଧକ୍ଷତାରେ ମଣ୍ଡପ ନିର୍ମାଣ କମିଟି, ବିକାଶ ଯୁବକ ସଂଘ ସଭାପତିଙ୍କ ଅଧକ୍ଷତାରେ ଆୟବ୍ୟୟ ହିସାବ ଉପକମିଟି ଗଠନ କରାଯାଇଛି। ଏହି ବୈଠକରେ ଉପସଭାପତି ବସନ୍ତ ରଥ, ସଂପାଦକ ସୁଶାନ୍ତ ସାହୁ, କୋଷାଧକ୍ଷ ପ୍ରଶାନ୍ତ ବେହେରା, ଯୁଗ୍ମ ସଂପାଦକ ସୁଶାନ୍ତ ସ୍ୱାଇଁ, ଯୁଗ୍ମ କୋଷାଧକ୍ଷ ବଳରାମ ବାରିକ, ଉପଦେଷ୍ଟା ପ୍ରଶାନ୍ତ ନାୟକ, ପ୍ରେମାନନ୍ଦ ପ୍ରଧାନ, ଚକ୍ରଧର ରାଉତ, ଗନ୍ଧର୍ବ ନାୟକ, ଗଣେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ।

## କପିଳାସ, ସପ୍ତଶଯ୍ୟାର ଉନ୍ନତୀକରଣ ଦାବି

**ଢେଙ୍କାନାଳ ଅଫିସ,୪।୧୦**

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସ ସମେତ ପର୍ଯ୍ୟଟନସ୍ଥଳୀ ସପ୍ତଶଯ୍ୟା ଓ ତପୋବନ ମହିମା ପୀଠର ଉନ୍ନତୀକରଣ କରାଯିବା ଦାବିରେ ସୋମବାର ମଧ୍ୟାହ୍ନରେ ଜିଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ୧୯୯୪ରେ ତତ୍କାଳୀନ ଜିଲାପାଳଙ୍କ ସମୟରେ ପ୍ରସ୍ତୁତ କପିଳାସ କ୍ଷେତ୍ର ଉନ୍ନୟନ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। ସେହିପରି ମହିମା ସ୍ୱାମୀଙ୍କ ଆତ୍ମଯୋଗ ସାଧନାର ପୀଠ ତପୋବନକୁ ସବୁଦିନିଆ ସ୍ଥାୟୀ ରାସ୍ତା, ସପ୍ତଶଯ୍ୟା ପୀଠକୁ ଗମନାଗମନର ସୁବିଧା ପାଇଁ ସ୍ୱତନ୍ତ୍ର ବାଇପାସ ନିର୍ମାଣ, ଝରଣାକୁ ସଂରକ୍ଷିତ ଓ ପ୍ରଦୂଷଣ ମୁକ୍ତ କରିବା, ପୀଠରେ ବିଦ୍ୟୁତ୍ କିମ୍ବା ସୌର ଆଲୋକର ସ୍ଥାୟୀ ବ୍ୟବସ୍ଥା, ଯାତ୍ରୀ ବିଶ୍ରାମାଗାର ନିର୍ମାଣ, ଶୌଚାଳୟ ସମେତ ଝରଣା ପାର୍ଶ୍ୱରେ ସ୍ୱତନ୍ତ୍ର ସ୍ନାନକୁଣ୍ଡ କରିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ସେହିପରି କପିଳାସ ବାରବାଙ୍କ ବିଶିଷ୍ଟ ୫ କିଲୋମିଟର ଦୀର୍ଘ ପକ୍କା ପୂର୍ତ୍ତବିଭାଗ ରାସ୍ତାର ୧୦ଟି ବାଙ୍କରେ ଦଶଅବତାରଙ୍କ ପ୍ରତିକୃତି ସ୍ଥାପନ କରିବା ସହ ନିକଟରେ କ୍ଷୁଦ୍ର ଉଦ୍ୟାନ ଓ ସ୍ଥାୟୀ ଆଲୋକର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ଏତଦ୍‌ବ୍ୟତୀତ ବାରବାଙ୍କ ରାସ୍ତା ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ମସ୍ତକରେ ଗଙ୍ଗା ଓ ଶଶାଙ୍କ ଶୋଭା ପାଉଥିବା ଭବ୍ୟ ମୂର୍ତ୍ତିର ସ୍ଥାପନା କରିବା, ଦ୍ୱିତୀୟ ବାଙ୍କ କିମ୍ବା ବିଜେସ୍ଥଳୀ ନିକଟ ଶେଷ ବାଙ୍କରେ ମାତା ପାର୍ବତୀ, ଗଣେଶ, କାର୍ତ୍ତିକେୟ, ନନ୍ଦୀ ଓ ଭୃଙ୍ଗୀଙ୍କ ମିଳିତ ପ୍ରତିକୃତି ସ୍ଥାପନ ପାଇଁ ପ୍ରସ୍ତାବ ଦିଆଯାଇଛି। ଜିଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ସଭାପତି ପ୍ରଦ୍ୟୁମ୍ନ ରଥ ଓ ଉପସଭାପତି ଅଖିଳ ରଥ ଜିଲାପାଳଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ।


ଢେଙ୍କାନାଳ ପାହାଡ଼ ବାରବାଙ୍କ ରାସ୍ତା।

## ଅଲିମ୍ପିଆଡ୍‌ରେ ଛାତ୍ରୀଛାତ୍ରଙ୍କ ସଫଳତା

**ଢେଙ୍କାନାଳ ଅଫିସ,୪।୧୦**



ଆର୍ଯ୍ୟସ୍ମିତା ସ୍ୱାଇଁ ଓ ସ୍ୱାଗତ କୁମାର ରାଉତ।

ଢେଙ୍କାନାଳ ସହର ନିକଟସ୍ଥ ରଞ୍ଜା, କଳାପାଣିଠାରେ ଥିବା ରୟାଲ୍ ଇଣ୍ଟରନ୍ୟାଶନାଲ୍ ପବ୍ଲିକ୍ ସ୍କୁଲ୍‌ର ୨ ଛାତ୍ରୀଛାତ୍ର ଜାତୀୟସ୍ତରରେ ପରିଚାଳିତ ସିଏସ୍‌ସି ଅଲିମ୍ପିୟାଡ୍‌ରେ ଯୋଗଦାନ କରି କୃତିତ୍ୱ ହାସଲ କରିଛନ୍ତି। ୪ର୍ଥ ଶ୍ରେଣୀର ଆର୍ଯ୍ୟସ୍ମିତା ସ୍ୱାଇଁ ଜାତୀୟ ସ୍ତରୀୟ ବିଜ୍ଞାନ ବିଭାଗରେ ୩ୟ ସ୍ଥାନ ଓ ୩ୟ ଶ୍ରେଣୀର ଛାତ୍ର ସ୍ୱାଗତ କୁମାର ରାଉତ ସାଧାରଣ ଜ୍ଞାନରେ ୩ୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଆର୍ଯ୍ୟସ୍ମିତାଙ୍କ ଘର ଚାଉଳିଆ ଅଞ୍ଚଳରେ ହୋଇଥିବା ବେଳେ ସ୍ୱାଗତଙ୍କ ଘର ରଞ୍ଜା ଅଞ୍ଚଳରେ ବୋଲି ଜଣାପଡିଛି। ଅନୁଷ୍ଠାନର ପ୍ରତିଷ୍ଠାତା ଅକ୍ଷୟ କୁମାର ମହାନ୍ତି ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ବିଦ୍ୟାଳୟର ନିର୍ଦ୍ଦେଶକ ସରୋଜକାନ୍ତ ଦାସ, ଶିକ୍ଷକ ନେତ୍ରାନନ୍ଦ ଶତପଥୀ, ବିଶ୍ୱଜିତ୍ ପ୍ରଧାନ, ପରେଶ କୁମାର ଦଳେଇ, ରାକେଶ କୁମାର ସାହୁ, ସରୋଜ କୁମାର ସାସ୍‌ମଲ୍, ସୁଶ୍ରୀ ସସ୍ମିତା ଶତପଥୀ, ସୁନିତା ସ୍ୱାଇଁ, ରାଜଲକ୍ଷ୍ମୀ ସ୍ୱାଇଁ, ପୁଷ୍ପଲତା ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଏବଂ ଅଭିଭାବକ ଏଥିରେ ସହଯୋଗ କରିବା ସହ ମାର୍ଗଦର୍ଶନ ଦେଇଥିଲେ।

## ୫ ବନ୍ଧୁକ ଜବତ, ୨ ଗିରଫ

**ଢେଙ୍କାନାଳ ଅଫିସ,୪।୧୦**

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଝୁମ୍ପୁଡିଆ ଗ୍ରାମରେ ରବିବାର ପୋଲିସ ପକ୍ଷରୁ ଚଢାଉ କରାଯାଇ ୫ଟି ଦେଶୀ ବନ୍ଧୁକ ଜବତ କରାଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ବନ୍ୟପ୍ରାଣୀ ଶିକାର ପାଇଁ ପ୍ରସ୍ତୁତି ବେଳେ ପୋଲିସ ଚଢାଉ କରିଥିଲା। ସମ୍ପୃକ୍ତ ଅଭିଯୁକ୍ତ ହେଲେ ଗ୍ରାମର ଗଣେଶ ଦେହୁରୀ ଓ ବିକାଶ ନାୟକ। ସଦର ଥାନାରେ ନଂ. ୫୨୫।୨୧ ଓ ୫୨୬।୨୧ରେ ମାମଲା ରୁଜୁ କରାଯିବା ସହ ଅଧିକ ତଦନ୍ତ ଜାରି ରହିଥିବା ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।


ପୋଲିସ ଜବତ କରିଥିବା ବନ୍ଧୁକ।

## ଶିବିରରେ ୨୩ ୟୁନିଟ୍ ରକ୍ତ ସଂଗ୍ରହ

**ଢେଙ୍କାନାଳ ଅଫିସ,୪।୧୦**


ରକ୍ତଦାନ ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ଢେଙ୍କାନାଳ ସହର କାଠଗଡା ସମତା ନଗରସ୍ଥିତ ଗାନ୍ଧୀ ଅଧ୍ୟୟନ ଓ ସମାଜ ପ୍ରତିଷ୍ଠାନ କେନ୍ଦ୍ରରେ ସୋମବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ତଥା ଗାନ୍ଧୀ, ଲୋହିଆ ଓ ଜୟପ୍ରକାଶଙ୍କ ବିଚାରକୁ ଅନୁସରଣ କରିଥିବା ପ୍ରଶାନ୍ତ ମିଶ୍ରଙ୍କ ମଙ୍ଗଳବାର ଶ୍ରାଦ୍ଧବାର୍ଷିକ ପଡୁଥିବାରୁ ଏଥିପୂର୍ବରୁ ଗାନ୍ଧୀ ଅଧ୍ୟୟନ ଓ ସମାଜ ପ୍ରତିଷ୍ଠାନ କେନ୍ଦ୍ରଠାରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଉଦ୍‌ଘାଟନ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୨୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଅନୁଷ୍ଠାନର ସଭାପତି ଡ. ଭବାନୀ ଶଙ୍କର ମିଶ୍ର ଏବଂ କାର୍ଯ୍ୟକାରୀ ସଭାପତି ସରୋଜ କୁମାର ଶତପଥୀ, ସଂପାଦକ ଅରବିନ୍ଦ ମିଶ୍ର, କେନ୍ଦ୍ରର ଟ୍ରଷ୍ଟି କଲ୍ୟାଣ ଆନନ୍ଦ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ମିଶ୍ର, ଜ୍ୟୋତି ଭୂଷଣ ପାତ୍ର, ବୁଫୁରାନ୍ ଅଲ୍ଲି, ସରୋଜ କୁମାର ମିଶ୍ର, ଦୀପକ ସାହୁ, ପ୍ରଭାସିନୀ ସାହୁ, ବିରଜା କିଙ୍କର ଦାସ, ମାନସ ରଞ୍ଜନ ଦାସ, ଆଲୋକ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜିଲା ରକ୍ତଭଣ୍ଡାର ପକ୍ଷରୁ ଡା. ପ୍ରେମାନନ୍ଦ ସାହୁ, ଟେକ୍ନିସିଆନ୍ ପରମାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।

# ପଞ୍ଚାୟତସ୍ତରୀୟ କମିଟି ଗଠନ କର


ବୈଠକରେ ଯୋଗ ଦେଇଥିବା ବିଜେଡି କର୍ମକର୍ତ୍ତା ଓ କର୍ମୀମାନେ।

**ଅନୁଗୋଳ ଅଫିସ,୪।୧୦**

ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ଆହ୍ୱାନ କ୍ରମେ ସୋମବାର ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଅଁରପାଳ ବ୍ଲକର ବିଜେଡି ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ବିଜେଡି ଜିଲା ସଭାପତି ଦିନେଶ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ସାମାଜିକ ସେବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜୁ ଯୁବ ଜନତା ଦଳର ବିଭିନ୍ନ ଜୋନସ୍ତରୀୟ ଓ ପଞ୍ଚାୟତସ୍ତରୀୟ ବୈଠକ ପାଇଁ ନିଷ୍ପତ୍ତି କରାଯାଇଥିଲା। ଆଗାମୀ ୧ ସପ୍ତାହ ମଧରେ ସମସ୍ତ ପଞ୍ଚାୟତ ଓ ୱାର୍ଡ କମିଟି ଗଠନ ପାଇଁ ଜିଲା ସଭାପତି ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଜୁ ଯୁବ ଜନତା ଦଳର ବଅଁରପାଳ ବ୍ଲକ କାର୍ଯ୍ୟକାରୀ ସଭାପତି ଅନୀଲ ପ୍ରଧାନ ଏହି ବୈଠକରେ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଅଧୀନସ୍ଥ ବଅଁରପାଳ ବ୍ଲକର ୧୮ଟି ପଞ୍ଚାୟତର ବ୍ଲକ କମିଟି ସଦସ୍ୟ, ପଞ୍ଚାୟତ ସଭାପତି ଓ କୋଅର୍ଡିନେଟରମାନେ ସାମିଲ ହୋଇଥିଲେ। ଶେଷରେ ଯୁବ ଉପସଭାପତି ଗିରୀଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳ ଜୀବନ ମିଶନ ଶୁଭାରମ୍ଭ

**ହିନ୍ଦୋଳ,୪।୧୦(ଡି.ଏନ.ଏ.)**

ଗାନ୍ଧୀ ଜୟନ୍ତୀ ଅବସରରେ ହିନ୍ଦୋଳ ବ୍ଲକରେ ଜଳ ଜୀବନ ମିଶନ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଓଡ଼ିଶା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂସ୍ଥାନ ଏବଂ ସିଇଡି, ଏନ୍‌ଜିଓ ସହଭାଗିତାରେ ଏହାର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗିରିଧରପ୍ରସାଦ ପଞ୍ଚାୟତ ଠାରେ ଏକ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ଯନ୍ତ୍ରୀ ସୂର୍ଯ୍ୟକାନ୍ତି ସ୍ୱାଇଁ, ସଂଯୋଜକ ପ୍ରକାଶ ନାଥ, ମୁରଲୀ ପ୍ରଧାନ, ମାମିଲତା ମାହାନ୍ତି ଯୋଗଦାନ କରି ମିଶନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମ ରୋଜଗାର ସେବକ ଓ ଗ୍ରାମବାସୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ବ୍ଲକର ୩୫ ପଞ୍ଚାୟତରେ ପ୍ରାରମ୍ଭ ହୋଇଥିବା ସୂଚନା ମିଳିଛି।

## ମାନସିକ ବିକାରଗ୍ରସ୍ତଙ୍କ ସହ ବଢ଼ୁଛି ଦୁର୍ବ୍ୟବହାର

**ମାଧପୁର,୪।୧୦**

ଆଠମଲ୍ଲିକ ବ୍ଲକ ମାଧପୁର ବଜାର ଅଞ୍ଚଳରେ ଏବେ ମାନସିକ ବିକାରଗ୍ରସ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବିଶେଷକରି କିଛିଦିନ ହେଲା ୩ରୁ ୪ ଜଣ ମାନସିକ ବିକାରଗ୍ରସ୍ତ ମହିଳା ବଜାରରେ ବୁଲାବୁଲି କରୁଥିବାରୁ ସେମାନଙ୍କ ପ୍ରତି ଦୁର୍ବ୍ୟବହାର ବୃଦ୍ଧିପାଉଛି। ସନ୍ଧ୍ୟା ହେଲେ ଅସାମାଜିକମାନେ ସେମାନଙ୍କ ସହ ଖରାପ ବ୍ୟବହାର କରୁଛନ୍ତି। ବଜାରକୁ ଆସୁଥିବା ଜନସାଧାରଣଙ୍କ ନଜରରେ ଏହା ପଡୁଥିଲେ ମଧ ଅସାମାଜିକମାନଙ୍କୁ ଭୟ କରି ସେମାନେ ଏହାର ପ୍ରତିବାଦ କରିପାରୁ ନାହାନ୍ତି। ଆଇନଶୃଙ୍ଖଳା ପାଇଁ ଏଠାରେ ଥାନା ତ ଦୂରର କଥା ଫାଣ୍ଡିଟିଏ ନ ଥିବାରୁ ଏହାର ସୁଯୋଗ ନେଉଛନ୍ତି ଅସାମାଜିକମାନେ। ମାନସିକ ବିକାରଗ୍ରସ୍ତଙ୍କ ସହ ଏପରି ଖରାପ ଆଚରଣକୁ ନେଇ ସ୍ଥାନୀୟ ସଚେତନ ନାଗରିକମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ଏଠାର ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ିବା ଆଶଙ୍କା ଥିବାରୁ ତୁରନ୍ତ ଉପଖଣ୍ଡ ପ୍ରଶାସନ ମାନସିକ ବିକାରଗ୍ରସ୍ତଙ୍କୁ ଉଦ୍ଧାର ସହ ଥଇଥାନ କରିବାକୁ ଦାବି ହେଉଛି। ଏଥିସହ ସମ୍ପୃକ୍ତ ଅସାମାଜିକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏ ସମ୍ପର୍କରେ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରାଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ। ଆଠମଲ୍ଲିକ ବିଡିଓ ସନ୍ତୋଷ ସାହୁ କହିଛନ୍ତି, ସମସ୍ୟାର ସମାଧାନ ଦିଗରେ ଉପଜିଲାପାଳ ହିଁ ଉଚିତ ପଦକ୍ଷେପ ନେଇପାରିବେ।

## 'ସ୍ୱଚ୍ଛତା ହିଁ ସଭ୍ୟତାର ପରିଚୟ'

**ଢେଙ୍କାନାଳ ଅଫିସ,୪।୧୦**

ଢେଙ୍କାନାଳ ସହର ଉପକଣ୍ଠରେ ଥିବା ଗୁଣ୍ଡିଚାପଡାସ୍ଥିତ ମୁସ୍‌ଲିମ କବରସ୍ଥାନ ଠାରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ମୁସ୍‌ଲିମ ଯୁବକମାନେ ସ୍ୱଚ୍ଛତା ହିଁ ସଭ୍ୟତାର ପରିଚୟ ନାରାଦେଇ କବରସ୍ଥାନ ପରିସରକୁ ସଫେଇ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅହମ୍ମଦିଆ ମୁସଲିମ ଯୁବ ସଂଗଠନର ଅଧକ୍ଷ ଇଦରିଶ ଖାଁ କହିଥିଲେ, ଇସଲାମ ଧର୍ମ ପବିତ୍ରତାର ଶିକ୍ଷା ଦେଇଥାଏ। ପବିତ୍ରତା ବିଶ୍ୱାସର ଅଂଶବିଶେଷ। ସଂଗଠନର ଉପାଧକ୍ଷ ମହମ୍ମଦ ଖାଁ କହିଥିଲେ, ସଫେଇ କାର୍ଯ୍ୟ ଜାତିର ଜନକଙ୍କୁ ମହାନ ଶ୍ରଦ୍ଧାଞ୍ଜଳି। ଏହି କାର୍ଯ୍ୟକ୍ରମରେ ଅହମ୍ମଦିଆ ମୁସଲିମ ସଂପ୍ରଦାୟର ସଭାପତି ସୁଲେମାନ ଅଲ୍ଲୀ ଖାଁ, ହାଜି ଶେଖ ନାଜିଦ୍, ୟୁସୁଫ ଖାଁ, ଆସଫ ଅଲ୍ଲୀ, ହଲିମୁଦ୍ଦିନ, ଭାରତୀୟ ସେନାର ପୂର୍ବ ଅଧିକାରୀ ତୋରାବ ଖାଁ, ଇଶ୍ରାଫିଲ ଖାଁ, ଅକସରଉଦ୍ଦିନ, ମହମ୍ମଦ ଆସିଫ, ଶେଖ ଜହିର, ଶେଖ ମେହେଦି, ତୈମୁଲ ଖାଁ, ଶେଖ ବସିର, ଶେଖ ତନୱାର ଓ ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ପ୍ରମୁଖ ଯୋଗ ଦେଇଥିଲେ।


ଅହମ୍ମଦିଆ ମୁସଲିମ୍ ଯୁବ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟ।

## ଦୁର୍ନୀତି ହଟାଇବାକୁ ୧୩ ସୂତ୍ରୀ ପ୍ରସ୍ତାବ

**ଢେଙ୍କାନାଳ ଅଫିସ,୪।୧୦**


ଜନ ଜାଗ୍ରତ ମଞ୍ଚ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଢେଙ୍କାନାଳ ଜନ ଜାଗ୍ରତ ମଞ୍ଚ ପକ୍ଷରୁ ରବିବାର ଜୟଗୋପାଳ ମଠ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମଞ୍ଚ ସଭାପତି ସୁରେନ୍ଦ୍ର କୁମାର ଦଳେଇ ଏଥିରେ ଅଧକ୍ଷତା କରିଥିଲେ। ଦୁର୍ନୀତି ଭ୍ରଷ୍ଟାଚାର ସହ ଅସାଧୁ ବେପାରୀମାନେ ଓଡ଼ିଶାର ଜନସାଧାରଣଙ୍କୁ ଠକୁଥିବା ବେଳେ ଲୋକେ କିଭଳି ନ୍ୟାୟ ପାଇପାରିବେ ସେ ସଂକ୍ରାନ୍ତୀୟ ଏକ ୧୩ ସୂତ୍ରୀ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦିଆଯିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ରାଜ୍ୟରେ ସମସ୍ତ ପ୍ରକାର ଦୁର୍ନୀତି, ଭ୍ରଷ୍ଟାଚାର ୮୦ ପ୍ରତିଶତ କମିପାରିବ ବୋଲି ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା। ପ୍ରସ୍ତାବ ଗୁଡିକ ମଧରେ ରାଜ୍ୟରେ ଭିଜିଲାନ୍ସକୁ ସ୍ୱୟଂଚାଳିତ କରି ବିଭାଗକୁ ଲକ୍ଷ୍ୟଧାର୍ଯ୍ୟ କରାଯାଉ। ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଅଧୀନରେ ଏହି ବିଭାଗକୁ ରଖିବା ସହ ପ୍ରଶାସନିକ ସ୍ତରରେ ସହଯୋଗ ପାଇଁ ୫ଜଣିଆ ପ୍ରଶାସକଙ୍କୁ ରଖାଯାଉ। ଜଣେ ଡିଜି ଭିଜିଲାନ୍ସଙ୍କ ସହ ଅନ୍ୟ ୪ଜଣଙ୍କୁ ଏଡିଜି ଭାବେ ରଖାଯାଉ। ଓଡ଼ିଶାକୁ ୪ଟି ଜୋନ୍ କରି ଏଡିଜିମାନଙ୍କୁ ନିଯୁକ୍ତ କରାଯାଉ। ୩୦ଟି ଜିଲାରେ ଭିଜିଲାନ୍ସ କାର୍ଯ୍ୟାଳୟ ଖୋଲାଯାଉ। ପ୍ରତି ଜିଲାରେ ଇନ୍ସପେକ୍ଟର କିମ୍ବା ଡିଏସ୍‌ପି ନିଯୁକ୍ତି କରାଯାଉ। ପ୍ରତି ମାସରେ ପ୍ରତି ଜିଲା ୧୦ଟି ଭିଜିଲାନ୍ସ କେସ୍ ପୂରଣ କରିବେ ବୋଲି ପ୍ରସ୍ତାବ ଦିଆଯାଇଛି। ଏହି ବୈଠକରେ ସଭାପତିଙ୍କ ସମେତ ପ୍ରଦୀପ କୁମାର ପଣ୍ଡା, ପି.ସି. ନାଥ, ସନାତନ ମହାପାତ୍ର, ସରୋଜ ଶତପଥୀ, ଅଖିଳ ମହାପାତ୍ର, କିଶୋର କୁମାର ମିଶ୍ର, ଅନିଲ ଦାସ, କଲ୍ୟାଣ କାନୁନ୍‌ଗୋ, ସୌରାଂଶୁ ଶେଖର ଦାସ, ଜନାର୍ଦ୍ଦନ ନନ୍ଦି, ବଳଭଦ୍ର ବେହେରା, କୈଳାସ ଚନ୍ଦ୍ର ବେହେରା, କୈଳାସ ସେଠୀ, ବିଷ୍ଣୁ ନନ୍ଦ, ରଞ୍ଜନ ସାହୁ, ପଙ୍କଜ ନାୟକ, ଅନ୍ନଦା ଶଙ୍କର ପତି, ହୃଦୟାନନ୍ଦ ମହାନ୍ତି, ଦାଶରଥି ବେହେରା, ବନମାଳି ମଲ୍ଲିକ, ପ୍ରମୋଦ କୁମାର ନାଥଶର୍ମା, ବିନୟ କୁମାର ପାତ୍ର ଓ ତ୍ରିନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମଦ ଜବତ, ୩ ଗିରଫ

**ହିନ୍ଦୋଳ,୪।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଅବକାରୀ ବିଭାଗ ପକ୍ଷରୁ ବାଲିମୀ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ବେଆଇନ ମଦ ବିକ୍ରି ଅଭିଯୋଗରେ ୨ ମହିଳା ଓ ଜଣେ ପୁରୁଷଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୧୪ ଲିଟର ଲେଖାଏଁ ମଦ ଜବତ ହୋଇଛି। କୋର୍ଟରୁ ସେମାନଙ୍କୁ ସର୍ତ୍ତ ମୂଳକ ଜାମିନରେ ଛଡ଼ାଯାଇଛି। ବିଭାଗୀୟ ସୂତ୍ରରୁ ପ୍ରକାଶ, ସକାଳେ ଅବକାରୀ ବିଭାଗ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ଚୋରା ମଦ କାରବାର ଅଭିଯୋଗରେ ବାଲିମୀ ଥାନା ସାନମୁଣ୍ଡା ଗ୍ରାମର ଶିବରାମ ବେହେରାଙ୍କ ଘରେ ଚଢ଼ାଉ କରି ୧୪ ଲିଟର ଦେଶୀ ରନ୍ଧା ମଦ ଜବତ କରିଥିଲେ। ସେହିପରି ନନ୍ଦପୁର ଗ୍ରାମରେ ଚଢ଼ାଉ କରି ପ୍ରତିମା ସେଠୀଙ୍କ ନିକଟରୁ ୧୪ ଏବଂ ମଞ୍ଜୁଲତା ନାଏକଙ୍କ ନିକଟରୁ ୧୪ ଲିଟର ଦେଶୀ ରନ୍ଧା ମଦ ଜବତ କରିଥିଲେ।

## ଅବକାରୀ ଚଢ଼ାଉ, ୪ ଗିରଫ

ବଇଣ୍ଡା,(ଡି.ଏନ.ଏ.)- ଆଠମଲ୍ଲିକ ଅବକାରୀ ବିଭାଗ ସୋମବାର ଠାକୁରଗଡ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୯୦ ଲିଟର ମହୁଲି ମଦ ଜବତ କରିଛି। ଏହି ଘଟଣାରେ ବଡଦାଦାର ଗ୍ରାମର ନୟନା ପ୍ରଧାନ, ଧୂଳିଆ ପ୍ରଧାନ, ବନବାସୀ ପ୍ରଧାନ, ପାଇକସାହିର ହେମ ପ୍ରଧାନଙ୍କୁ ଗିରଫ କରାଯାଇଛି। ଅବକାରୀ ନିରୀକ୍ଷକ କୌଶଲ୍ୟା ଜେନା, ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ସହକାରୀ ଉପ ନିରୀକ୍ଷକ ବିପିନ କୁମାର ସାହୁ, ବଳବୀର ଗଡନାୟକ ପ୍ରମୁଖ ଚଢ଼ାଉ କରିଥିଲେ।

## ସଂକ୍ଷେପରେ

### ୨ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୪।୧୦: ଅନୁଗୋଳ ଜିଲାରୁ ସୋମବାର ୨ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୩୭୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କେବଳ ବଣ୍ଠରପାଳ ବ୍ଲକ ଅଞ୍ଚଳରୁ ୨ଜଣ ରହିଛନ୍ତି। ଅନ୍ୟପକ୍ଷରେ ଅନୁଗୋଳ ଜିଲାରୁ ଦିନକରେ ୬ଜଣ କରୋନାରୁ ସୁସ୍ଥ ହୋଇଥିବା ସୂଚନା ମିଳିଛି।

### ଦୁର୍ଘଟଣାରେ ନାବାଳକ ମୃତ

ଅନୁଗୋଳ ଅଫିସ, ୪।୧୦: ଅନୁଗୋଳ ଜିଲା ମହୀଧରପୁର ଫାଣ୍ଡି ନିକଟରେ ଏକ ସଡ଼କ ଦୁର୍ଘଟଣାରେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ମହୀଧରପୁର ଅଞ୍ଚଳର ଦୁର୍ଯ୍ୟୋଧନ ନାୟକଙ୍କ ପୁଅ ଆଶୁତୋଷ ନାୟକ(୯) ବୋଲି ମେଡିକାଲ ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି। ଖବରପାଇ ଅନୁଗୋଳ ପୋଲିସ ମୃତଦେହକୁ ଶବାଗାରରେ ସଂରକ୍ଷିତ ରଖିଛି। ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଆଶୁତୋଷ ସୋମବାର ଅପରାହ୍ଣରେ ରାସ୍ତା ପାର ହେଉଥିବା ସମୟରେ କଟକ ଆଡୁ ଆସୁଥିବା ଏକ ଦ୍ରୁତଗାମୀ କାର (ନଂ. ଓଡି୦୫ଏଜେଡ୍-୪୭୦୧) ତାଙ୍କୁ ଧକ୍କା ଦେଇଥିଲା। କାର୍ ଚାଳକ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

### ତୀରମାଡ଼ରେ ଯୁବକ ଗୁରୁତର

ଅନୁଗୋଳ ଅଫିସ, ୪।୧୦: ଅନୁଗୋଳ ଜିଲା



ଛେଣ୍ଡିପଦା ବ୍ଲକ ନିଶା ଥାନା ଅନ୍ତର୍ଗତ କଙ୍କରେଇ ଗାଁରେ ସୋମବାର ରାତିରେ ଅଭାବନୀୟ ଘଟଣା ଘଟିଛି। ତୀରମାଡରେ ଦେବଗଡ ଜିଲା ରିଆମାଳ ଥାନା ଛଳକ ଗ୍ରାମର ଶିବ ନାହାକ(୨୨) ଗୁରୁତର ହୋଇଛନ୍ତି। ତାଙ୍କ ଡାହାଣପାର୍ଶ୍ୱ କାନ୍ଧରେ ତୀର ବାଜିଛି। ଶିବଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ବଡ ମେଡିକାଲ ସ୍ଥାନାନ୍ତରିତ କରାଯାଇଛି। ଶିବ ଛେଣ୍ଡିପଦା କଙ୍କରେଇ ଅଞ୍ଚଳରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସନ୍ଧ୍ୟାରେ ଶୌଚ ପାଇଁ ଯାଇଥିବା ସମୟରେ ଏଭଳି ଘଟଣା ଘଟିଥିବା ଶିବ କହିଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି। କଙ୍କରେଇ ଅଞ୍ଚଳରେ ବନ୍ୟପ୍ରାଣୀ ଶିକାର କରାଯାଉଥିବାରୁ କୌଣସି ଶିକାରୀଙ୍କ ତୀର ଲକ୍ଷ୍ୟଚ୍ୟୁତ ହୋଇ ଶିବଙ୍କ ଦେହରେ ବାଜିଥିବା ଚର୍ଚ୍ଚା ହେଉଛି।

### ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧନା

ଆଠମଲ୍ଲିକ,୪।୧୦(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ପଇଁଚ କୁଳ କଲେଜରେ ସୋମବାର ବୈଜ୍ଞାନିକ ଡ. ଆର୍ତ୍ତବନ୍ଧୁ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ କର୍ମଚାରୀ, ଛାତ୍ରୀଛାତ୍ର ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ଡା. ସାହୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ କର୍ଣ୍ଣ, କଲେଜ ଅଧକ୍ଷା କଳ୍ପନା ମହାନ୍ତି, ଅଧାପକ, ଅଧାପିକା, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଆର୍ତ୍ତବନ୍ଧୁଙ୍କ ଘର ଅଏଡ଼ା ଗ୍ରାମରେ ବୋଲି ଜଣାପଡ଼ିଛି।



### ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଦାବି

ଛେଣ୍ଡିପଦା,୪।୧୦(ସ୍ୱ.ପ୍ର.): ଛେଣ୍ଡିପଦା ବ୍ଲକ ଡାଇଭର ଗ୍ରାମ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ସୋମବାର ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, ଗ୍ରାମରେ ଥିବା ୯ ଟି ସରକାରୀ ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରିଛନ୍ତି। ଫଳରେ ଗ୍ରାମବାସୀ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟଠାରୁ ଆରମ୍ଭ କରି ଗୋରୁ ଚରାଇବାରେ ଅସୁବିଧା ଭୋଗୁଛନ୍ତି। ଉକ୍ତ ଜବରଦଖଲକୁ ହଟାଇବା ପାଇଁ ଗ୍ରାମସଭା କରାଯାଇ ନୋଟିସ ଦିଆଯାଇଥିଲା। ଏଥିରେ ନିରାଶ ହେବା ପରେ ସୋମବାର ଗ୍ରାମ ସଭାପତି ନାରଣ ଖିଲାରଙ୍କ ନେତୃତ୍ୱରେ ଗ୍ରାମ କମିଟି ପକ୍ଷରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ନେଇ ଛେଣ୍ଡିପଦା ତହସିଲଦାର କହିଛନ୍ତି, ସରକାରୀ ଜମି ଜବରଦଖଲ ହୋଇଥିଲେ ଜରିମାନା ଆଦାୟ ସହ ଉଚ୍ଛେଦ କରାଯିବ। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଗାନ୍ଧୀ ମାର୍ଗରେ ହେଉ ଗାନ୍ଧୀ ଭବନ



ଅନୁଗୋଳ ସହରସ୍ଥିତ ଗାନ୍ଧୀ ମାର୍ଗ।

ଅନୁଗୋଳ ଅଫିସ, ୪।୧୦

- ମହାତ୍ମାଙ୍କ ପଦଯାତ୍ରା ସ୍ମୃତି ସହ ଜଡ଼ିତ
- ୨୦୧୪ରେ ସ୍ୱର ଉଠାଇଥିଲେ ସଂଗ୍ରାମୀ
- ୭ ବର୍ଷ ପରେ ମଧ ମିଳିନି ଜାଗା

ଗାନ୍ଧୀଙ୍କ ସ୍ମୃତି ବହନ କରୁଛି ଅନୁଗୋଳର ଗାନ୍ଧୀ ମାର୍ଗ (୧୯୩୪ର ହୁଲୁରିସିଂହା ଛକରୁ ରାଣୀଗୁଡ଼ା ଆମ୍ବତୋଟା ରାସ୍ତା)। ସେତେବେଳେ ଏହି ପଥରେ ପଡ଼ିଥିଲା ମହାତ୍ମାଙ୍କ ପାଦ। ଏଠାରେ ସାଧାରଣ ସଭାକୁ ସମ୍ବୋଧିତ କରି ବାପୁ ଯାଇଥିଲେ ଢେଙ୍କାନାଳ ଅଭିମୁଖେ। ସେହି ଘଟଣାକୁ ଚିର ସ୍ମରଣୀୟ କରିବାକୁ ଗାନ୍ଧୀ ମାର୍ଗ ପାର୍ଶ୍ୱରେ ଗାନ୍ଧୀ ଭବନଟିଏ ପାଇଁ ଦୀର୍ଘ ୭ ବର୍ଷ ହେଲା ହେଉଛି ଦାବି। ୨୦୧୪ରେ ସଂଗ୍ରାମୀ ଦୋଳ ଗୋବିନ୍ଦ ପ୍ରଧାନ ଉଠାଇଥିବା ଏହି ପ୍ରସଙ୍ଗକୁ ଆଗକୁ ବଢ଼ାଇ ଆସିଛନ୍ତି ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି। ପ୍ରଶାସନକୁ ବାରମ୍ବାର ଅନୁରୋଧ, ସତ୍ୟାଗ୍ରହ ଯାଏ ଯାଇଥିଲେ ମଧ ଏଯାଏ ମିଳିନି ଜାଗା।

୧୯୩୪ରେ ଝାରସୁଗୁଡ଼ାରୁ କଟକ ଯିବା ରାସ୍ତାରେ ଅନୁଗୋଳର ବାମୁରଠାରେ ମେ ୬ ତାରିଖରେ ଅଟକିଥିଲେ ମହାତ୍ମା। ସେଠାରେ ରାତ୍ରି ଯାପନ ପରେ ୭ ତାରିଖରେ ପହଞ୍ଚିଥିଲେ ରାଣୀଗୁଡ଼ା ଆମ୍ବତୋଟା ତଥା ବର୍ତ୍ତମାନର ଗାନ୍ଧୀମାର୍ଗ ନିକଟ ଶିମିଳିପଡ଼ାଠାରେ। ଅସଂଖ୍ୟ ଜନସମାଗମ ଦେଖି ସେଠାକାର ସାଧାରଣ ସଭାରେ ଉଦ୍‌ବୋଧନ ରଖିଥିଲେ ଗାନ୍ଧିଜୀ। ଉଚ୍ଚ–ନୀଚ ଭେଦଭାବ ଦୂର କରିବା ସହ ସମାଜକୁ ନିଶାମୁକ୍ତ ନିମନ୍ତେ ସେ ଆହ୍ୱାନ ଦେଇଥିଲେ। ଖଦି ଓ କୁଟୀର ଶିଳ୍ପ କରି ଆତ୍ମନିର୍ଭର ହେବାକୁ ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ଅନୁଗୋଳରୁ ବଣ୍ଠରପାଳ ଦେଇ ଢେଙ୍କାନାଳ ଅଭିମୁଖେ ଯାତ୍ରା କରିଥିଲେ। ହୁଲୁରିସିଂହା ଛକରୁ ରାଣୀଗୁଡ଼ା ଆମ୍ବତୋଟା ତଥା ବର୍ତ୍ତମାନର ଶିମିଳିପଡ଼ା ଦେଇ ଗାନ୍ଧୀ ଯାଇଥିବା ରାସ୍ତାକୁ ପ୍ରଶାସନ ଗାନ୍ଧୀ ମାର୍ଗ ଭାବେ ନାମିତ କରିଛି। ସେଠାରେ ଫଳକ ଲଗାଇଛି। କିନ୍ତୁ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯୋଜନାରେ ଅଟକିଯାଇଛି। ତେବେ ୨୦୧୪ରେ ବାଜି ରାଉତ ଛାତ୍ରାବାସ ଆସିଥିବା ସଂଗ୍ରାମୀ ଦୋଳ ଗୋବିନ୍ଦ ପ୍ରଧାନ ଗାନ୍ଧୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗାନ୍ଧୀ ଭବନ ନିର୍ମାଣ ନିମନ୍ତେ ଏକ ପ୍ରସ୍ତାବ ଦେଇଥିଲେ। ଏହାପରେ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି ତତ୍କାଳୀନ ନଗରପାଳ ଅକ୍ଷୟ ସାମନ୍ତଙ୍କ ନିକଟରେ ଜାଗା ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିଲେ। ଗାନ୍ଧୀମାର୍ଗ ଠାରେ ଜାଗା ମିଳିବ ବୋଲି ସେତେବେଳେ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ଦୀର୍ଘବର୍ଷ ପରେ ଆଇନଗତ ପ୍ରକ୍ରିୟା ପାଳନ କରା ନ ଯାଇ ଗାନ୍ଧୀ ମାର୍ଗର ଏକ ସ୍ଥାନରେ ଗାନ୍ଧୀ ଭବନ ଫଳକ ମାରିଦିଆଯାଇଥିଲା। ଭବନ ନିର୍ମାଣ ପାଇଁ ସର୍ବୋଦୟ ନେତ୍ରୀ ବାରମ୍ବାର ଜିଲା ପ୍ରଶାସନକୁ ଅନୁରୋଧ ରଖିଥିଲେ। କିଛିଦିନ ତଳେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓ ରାଜ୍ୟ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବା ପରିବର୍ତ୍ତେ ଫଳକ ହଟାଯାଇ ଉକ୍ତ ସ୍ଥାନରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରାଯିବା ଗାନ୍ଧୀପ୍ରେମୀଙ୍କୁ ଚକିତ କରିଥିଲା। ଏହାର ପ୍ରତିବାଦରେ ଗାନ୍ଧୀ ସ୍ମାରକୀ ନିଧି ପକ୍ଷରୁ ସର୍ବୋଦୟ ନେତ୍ରୀ ଗାନ୍ଧୀ ଜୟନ୍ତୀରୁ ସତ୍ୟାଗ୍ରହରେ ବସିଥିଲେ। ତେବେ ତୃତୀୟ ଦିନରେ ପ୍ରଶାସନ ଗାନ୍ଧୀ ସ୍ମୃତି ଓ ଗାନ୍ଧୀ ଭବନ ନିର୍ମାଣ ପାଇଁ ହେଉଥିବା ଦାବିର ଉଦ୍ଦେଶ୍ୟ ବୁଝିପାରିଛି ବୋଲି ଗାନ୍ଧୀପ୍ରେମୀମାନେ ପ୍ରକାଶ କରିଛନ୍ତି।

### ମତ ବଦଳିବା ବିବ୍ରତ କରାଇଥିଲା



ଗାନ୍ଧୀ ଭବନ ନିର୍ମାଣ ପାଇଁ ୭ ବର୍ଷ ହେଲା ଦାବି କରାଯାଉଥିଲା। ଏଥିପାଇଁ ପୌରପାଳିକା ପକ୍ଷରୁ ଏକ ଜାଗା ମଧ ପ୍ରଦାନ କରାଯାଇଥିଲା। କିନ୍ତୁ ପ୍ରଶାସନ ମତ ପରିବର୍ତ୍ତନ କରି ଉକ୍ତ ଜାଗାରୁ ଗାନ୍ଧୀ ଭବନ ଫଳକ ହଟାଇ ଅଙ୍ଗନୱାଡ଼ି ଗୃହ ନିର୍ମାଣ କରିବା ଘଟଣା ଅତ୍ୟନ୍ତ ବିବ୍ରତ କରିଦେଇଥିଲା। ଏହାର ପ୍ରତିବାଦରେ ସତ୍ୟାଗ୍ରହ ଆରମ୍ଭ କରାଯାଇଥିଲା।

-କୃଷ୍ଣା ମହାନ୍ତି, ସର୍ବୋଦୟ ନେତ୍ରୀ

### ଚଳିତ ସପ୍ତାହରେ ମାପଚୁପ




ଗାନ୍ଧୀମାର୍ଗର ଉନ୍ନତୀକରଣ ନିମନ୍ତେ ବହୁ ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ କୋଭିଡ୍ କାରଣରୁ ଏହା ବିଳମ୍ବିତ ହୋଇଚାଲିଛି। ତେବେ ଉକ୍ତ କାର୍ଯ୍ୟ ଆରମ୍ଭ ପୂର୍ବରୁ ଚଳିତ ସପ୍ତାହରେ ମାପଚୁପ ଆରମ୍ଭ ହେବ। ଜବରଦଖଲ ଉଚ୍ଛେଦ ପରେ ସୌନ୍ଦର୍ଯ୍ୟକରଣ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ ହେବ। ଅନୁଗୋଳ ଜିଲା ସହ ଗାନ୍ଧୀଙ୍କ ସ୍ମୃତିକୁ ସ୍ମରଣୀୟ କରାଯିବ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ

### ନିର୍ଦ୍ଦିଷ୍ଟ ସମୟରେ ଶେଷ ହେଉ



ଗାନ୍ଧୀ ଭବନ ନିର୍ମାଣ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ ହେବା ଆବଶ୍ୟକ। ଗାନ୍ଧୀଙ୍କ ନୀତି ଆଦର୍ଶ ସହ ଜଡ଼ିତ ପ୍ରତିଟି କାର୍ଯ୍ୟକ୍ରମ କିପରି ସେଠାରେ ହୋଇପାରିବ, ସେ ନେଇ ବ୍ୟବସ୍ଥା ରଖାଯାଉ। ଜିଲା ପ୍ରଶାସନ ଏହାର ପରିଚାଳନା କରୁ। ରକ୍ଷଣାବେକ୍ଷଣ ଦାୟିତ୍ୱ ଏକ କର୍ପୋରେଟ୍ ସଂସ୍ଥାକୁ ପ୍ରଦାନ କରାଯିବା ଦରକାର।

-ଭୂପେଶ ଚନ୍ଦ୍ର ପ୍ରଧାନ, ଜିଲା ସଂସ୍କୃତି ପରିଷଦ ସଦସ୍ୟ

### ସ୍ମୃତି ଚିହ୍ନ ହୋଇ ରହୁ



ଅନୁଗୋଳ ସହରସ୍ଥିତ ଗାନ୍ଧୀ ମାର୍ଗରେ ଏହି ଗାନ୍ଧୀ ଭବନ ନିର୍ମାଣ କରାଯାଉ। ଏହାକୁ ପ୍ରଶାସନ ପରିଚାଳନା କରୁ। ଏହା ଏଭଳି ହେବା ଆବଶ୍ୟକ, ଯେଉଁଥିରୁ ଲୋକମାନେ ଯୁଗ ଯୁଗ ଧରି ଗାନ୍ଧୀଙ୍କ ସ୍ମୃତି ସାଉଣ୍ଟି ପାରିବେ। ଗାନ୍ଧୀଙ୍କ ସହ ଅନୁଗୋଳର ସ୍ମୃତିକୁ ଲୋକ ଲୋଚନକୁ ଆଣିବାର ତୁରନ୍ତ ବ୍ୟବସ୍ଥା କରାଯାଉ।

-ଡ.ଇନ୍ଦିରା ଦାଶ, ବୁଦ୍ଧିଜୀବୀ

### ବାଣୀ ଅଧ୍ୟୟନ ସୁଯୋଗ ରହୁ



ଗାନ୍ଧୀମାର୍ଗ ଏକ ଐତିହାସିକ ରାସ୍ତା ହୋଇଥିବାରୁ ସେଠାରେ ଗାନ୍ଧୀ ଭବନ ନିର୍ମାଣ କରାଯାଉ। ଉକ୍ତ ରାସ୍ତାର ସୌନ୍ଦର୍ଯ୍ୟକରଣ ଶୀଘ୍ର ଶେଷହେଉ। ଗାନ୍ଧୀ ଭବନରେ ପାଦ ଦେଉଥିବା ଲୋକ ଯେପରି ଗାନ୍ଧୀଙ୍କ ବାଣୀ ଅଧ୍ୟୟନ କରିପାରୁଥିବେ ସେଭଳି ସୁଯୋଗ ଏଠାରେ ବ୍ୟବସ୍ଥା କରାଯାଉ।

-ପ୍ରଫେସର ଶାନ୍ତନୁ କୁମାର ସର, ଶିକ୍ଷାବିତ୍

### ଅଙ୍ଗନୱାଡ଼ି ଜାଗା ପରଖିବ ଟିମ୍

ଅନୁଗୋଳ ସହର ଅମଲାପଡ଼ାସ୍ଥିତ ଗାନ୍ଧୀ ଭବନ ବୋର୍ଡ ଲଗାଯାଇଥିବା ସ୍ଥାନରେ ଏବେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ହେଉଛି। ରାସ୍ତାପାର୍ଶ୍ୱରେ ଏହି କେନ୍ଦ୍ର ନିର୍ମାଣ କରାଯାଉଥିବାରୁ ଏହାକୁ ସାଧାରଣରେ ନାପସନ୍ଦ କରାଯାଉଛି। ଏଠାକୁ ଆସିବାକୁ ଥିବା କିଶୋରୀ କିଶୋରମାନଙ୍କ ପାଇଁ ବିପଦ ଆଶଙ୍କା ଥିବାରୁ ସ୍ଥାନ ପରିବର୍ତ୍ତନ ପାଇଁ ଦାବି ଉଠୁଛି। ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ନିମନ୍ତେ ବିଭିନ୍ନ ମହଲରୁ ଚାପ ପଡ଼ିବା ପରେ ଏବେ ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନ ପରଖାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳଙ୍କ ନେତୃତ୍ୱରେ ପୋଲିସ, ତାମଡା ଓ ପରିବହନ ବିଭାଗ ଅଧିକାରୀମାନେ ଜାଗା ଅନୁଧ୍ୟାନ କରିବେ। ସେମାନେ ରିପୋର୍ଟ ଦେବା ପରେ ତାହାକୁ ତର୍ଜମା କରାଯାଇ ସେଠାରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ହେବ କି ନାହିଁ, ତାହା ବିଚାର କରାଯିବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।

# ସହମତି ପରେ ସତ୍ୟାଗ୍ରହ ସ୍ଥଗିତ



ସଂସ୍କୃତି ପରିଷଦ ବୈଠକରେ ଯୋଗ ଦେଇଥିବା ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତିଙ୍କୁ ଜିଲାପାଳ ପାନୀୟ ଜଳ ବୋତଲ ପ୍ରଦାନ କରୁଛନ୍ତି।

ଅନୁଗୋଳ ଅଫିସ, ୪।୧୦

**ଅନୁଗୋଳରେ ନିର୍ମାଣ ହେବ ଭବ୍ୟ ଗାନ୍ଧୀ ଭବନ**

ଗାନ୍ଧୀଙ୍କ ସ୍ମୃତି ରକ୍ଷା ପାଇଁ ଅନୁଗୋଳ ସହରରେ ନିର୍ମାଣ ହେବ ଭବ୍ୟ ଗାନ୍ଧୀ ଭବନ। ୧୦ ଦିନ ମଧ୍ୟରେ ଏଥିପାଇଁ ଉପଯୁକ୍ତ ସ୍ଥାନ ଚୟନ କରାଯିବ। ସୋମବାର ଜିଲା ସଂସ୍କୃତି ପରିଷଦ ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ଗାନ୍ଧୀ ସ୍ମାରକୀ ନିଧିକୁ ନିର୍ଭର ପ୍ରତିଶ୍ରୁତି ଦିଆଯାଇଛି। ଏଥିସହ ଦୁଇଦିନ ହେଲା ସତ୍ୟାଗ୍ରହରେ ବସିଥିବା ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତିଙ୍କୁ ବୈଠକରେ ପାନୀୟ ଜଳ ପିଆଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ତାଙ୍କ ସତ୍ୟାଗ୍ରହ ଭଙ୍ଗ କରିଛନ୍ତି। ବୈଠକରେ ଗାନ୍ଧୀ ଭବନ ନିର୍ମାଣ ନେଇ ସହମତି ପ୍ରକାଶ ପାଇବା ପରେ ସତ୍ୟାଗ୍ରହ ସ୍ଥଗିତ ରଖାଯାଇଥିବା ସର୍ବୋଦୟ ନେତ୍ରୀ ମହାନ୍ତି ଘୋଷଣା କରିଛନ୍ତି।

ଜିଲା ସଂସ୍କୃତି ପରିଷଦ ଅଧକ୍ଷ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଏହି ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିପୂର୍ବରୁ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ସହ ତହସିଲଦାର ବିମଳ ଲେଙ୍କା, ଜିଲା ସଂସ୍କୃତି ଅଧିକାରୀ ସରିତା ପ୍ରଧାନ ପ୍ରମୁଖ ସତ୍ୟାଗ୍ରହସ୍ଥଳକୁ ଯାଇ ସର୍ବୋଦୟ ନେତ୍ରୀ ମହାନ୍ତିଙ୍କୁ ବୈଠକକୁ ପାଛୋଟି ଆଣିଥିଲେ। ଆଲୋଚନା ବେଳେ ଗାନ୍ଧୀ ଭବନ ନିର୍ମାଣ ନେଇ ସହମତି ପ୍ରକାଶ ପାଇଥିଲା। ପ୍ରଶାସନ ପକ୍ଷରୁ କୁହାଯାଇଛି, ଅନୁଗୋଳ ସହରର ଗାନ୍ଧୀ ମାର୍ଗ ନଚେତ୍ ଶିମିଳିପଡ଼ା ଠାରେ ଅତ୍ୟାଧୁନିକ ଶୈଳୀରେ ଗାନ୍ଧୀ ଭବନ ନିର୍ମାଣ କରାଯିବ। ଏହି ଭବନରେ ମ୍ୟୁଜିୟମ୍ ବ୍ୟବସ୍ଥା ହେବ। ଗାନ୍ଧୀଙ୍କ ଆଦର୍ଶ ସମ୍ପର୍କରେ ଏଠାରୁ ବାର୍ତ୍ତା ପ୍ରଦାନ କରାଯିବ। ସଭାଘର ସହ ପାର୍କିଂ ବ୍ୟବସ୍ଥା ରହିବ। ସେହିପରି ଗାନ୍ଧୀମାର୍ଗ ରାସ୍ତାର ସୌନ୍ଦର୍ଯ୍ୟକରଣ କରାଯିବ। ଗାନ୍ଧୀଙ୍କ ବିଭିନ୍ନ ସ୍ମୃତି ଉକ୍ତ ରାସ୍ତା ପାର୍ଶ୍ୱରେ ଶୋଭା ପାଇବ। ଗାନ୍ଧୀ ଭବନ ନିର୍ମାଣ ନିମନ୍ତେ ଉପଯୁକ୍ତ ସ୍ଥାନ ଚିହ୍ନଟ କରିବାକୁ ପ୍ରଶାସନ ୧୦ ଦିନ ସମୟ ନେଇଛି। ପ୍ରଥମେ ଗାନ୍ଧୀମାର୍ଗରେ ଜାଗା ଖୋଜାଯିବ। ସେଠାରେ ଆବଶ୍ୟକ ସ୍ଥାନ ନ ଥିଲେ ଗାନ୍ଧୀ ସଭା କରିଥିବା ରାଣୀଗୁଡ଼ା ଆମ୍ବତୋଟା ତଥା ବର୍ତ୍ତମାନର ଶିମିଳିପଡ଼ାରେ ଜାଗା ଚିହ୍ନଟ କରାଯିବ। ଏ ନେଇ ଜିଲାପାଳଙ୍କ ପକ୍ଷରୁ ଉପଜିଲାପାଳ ବାସୁଦେବ ଶତପଥୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଉପଜିଲାପାଳ ଏଥିପାଇଁ ଏକ ଟିମ୍ ଗଠନ କରିଛନ୍ତି। ଏଥିରେ ଅନୁଗୋଳ ତହସିଲଦାର ବିମଳ କୁମାର ଲେଙ୍କା, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ହେମନ୍ତ କୁମାର ଦାସ, କଳାକାରର ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ, ଜିଲା ସାହିତ୍ୟ ସଂସଦ ସମ୍ପାଦକ ରାଧାକାନ୍ତ ମାହାନ୍ତି ଓ ସୂର୍ଯ୍ୟନାରାୟଣ ନାଥଙ୍କୁ ସଦସ୍ୟ ଭାବେ ରଖାଯାଇଛି। ଏମାନେ ଗାନ୍ଧୀ ଭବନ ପାଇଁ ସ୍ଥାନ ଚୂଡ଼ାନ୍ତ କରିବେ। ଏହାପରେ ଉକ୍ତ ସ୍ଥାନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜିଲା ସଂସ୍କୃତି ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ଆସନ୍ତା ଜାନୁୟାରୀ ୩୦ ସୁଦ୍ଧା ଗାନ୍ଧୀ ଭବନ ନିର୍ମାଣ କରିବାକୁ ଗାନ୍ଧୀ ସ୍ମାରକୀ ନିଧି ପକ୍ଷରୁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଏତେ କମ୍ ଦିନ ମଧ୍ୟରେ କାର୍ଯ୍ୟ ଶେଷ ହୋଇପାରିବ ନାହିଁ ବୋଲି ଜିଲାପାଳ କହିଥିଲେ। ଗାନ୍ଧୀଙ୍କ ସ୍ମୃତି ବହନ କରୁଥିବା ଏହି ଭବ୍ୟ ଭବନ ନିର୍ମାଣ ପାଇଁ ମାଷ୍ଟର ପ୍ଲାନ କରାଯିବ। ଏହା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲାପାଳ ପ୍ରକାଶ କରିଥିଲେ।

## ଚାଷୀଙ୍କ ସମସ୍ୟା ବୁଝିଲେ ବିଧାୟକ

ଆଠମଲ୍ଲିକ,୪।୧୦(ଡି.ଏନ.ଏ.)

ମାନଜୋର ମଧ୍ୟମ ଜଳସେଚନ ପ୍ରକଳ୍ପସ୍ଥିତ ପାଣି ପଞ୍ଚାୟତରେ ସୋମବାର ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଳସେଚନ ପ୍ରକଳ୍ପରୁ ଉପକୃତ ହେଉଥିବା ଚାଷୀମାନେ ଯୋଗ ଦେଇଥିଲେ। ଚାଷୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ପ୍ରକଳ୍ପର ନାଳ (ଦକ୍ଷିଣ ଓ ବାମପାର୍ଶ୍ୱ) ଅଞ୍ଚଳ ଗୁଡିକରେ ଥିବା ଜମି କିଭଳି ଭାବେ ଜଳସେଚିତ ହେଉଛି ସେ ନେଇ ଚାଷୀଙ୍କୁ ବିଧାୟକ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଉପେନ୍ଦ୍ର ସେଠୀ, ନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ନାୟକ, ଉପଜିଲାପାଳ ଲଳିତ ମୋହନ ବେହେରା, ତହସିଲଦାର ସ୍ୱରୂପାନନ୍ଦ ସାହୁ, ଚାଷୀ ନେତା ବିଜୟ ଷଡ଼ଙ୍ଗୀ, ସଚ୍ଚିଦାନନ୍ଦ ମହାନ୍ତି, ପବିତ୍ର ପ୍ରଧାନ କନ୍ଧପଡା ସରପଞ୍ଚ ଦିଲୀପ ପ୍ରଧାନ, ଚାଷୀ ନେତା ରାମଚନ୍ଦ୍ର ମହାକୁଡ଼, ରତନ ରଥ, ମହେନ୍ଦ୍ର ସାହୁଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ।



ଅନୁଗୋଳ ଜିଲା ମାଧପୁର–କିଶୋରନଗର ରାସ୍ତା ପାର୍ଶ୍ୱ ମନଜୋର ଡ୍ୟାମ୍ କେନାଲରୁ ସୋମବାର ପାଣି ପିଇବାକୁ ଆସିଥିବା ଏକ ହାତୀପଲ।

## ଛାତ୍ର କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଅନୁଗୋଳ ଅଫିସ,୪।୧୦

ଅନୁଗୋଳ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ଅନୁଗୋଳ ସଦର ମହକୁମାରେ ଥିବା ଇଣ୍ଡୋର ହଲ୍‌ଠାରେ କ୍ରୀଡ଼ାବିତ୍‌ଙ୍କୁ ଅଭ୍ୟାସ କରିବାକୁ ଜିଲା କ୍ରୀଡ଼ା ଅଧିକାରୀ ସୁଯୋଗ ଦେଉନାହାନ୍ତି। ଏପରିକି ଜିଲା କ୍ରୀଡ଼ା ଅଧିକାରୀ ସେମାନଙ୍କୁ ଅସମ୍ମାନ କରୁଥିବା ଅଭିଯୋଗ ହୋଇଛି। ଅନୁଗୋଳ ଜିଲାର ଉଦୀୟମାନ ବ୍ୟାଡ୍‌ମିଟନ୍ କ୍ରୀଡ଼ାବିତ୍ ଅମ୍ଳାନ କେଶରୀ ଗଡ଼ନାୟକ, ଜଗତ ମୋହନ ପ୍ରଧାନ, ସୁଶାନ୍ତ ସିଂ, ଅଭିନବ ପଟ୍ଟନାୟକ, ରୋସନ କୁମାର ସାହୁ, ଏ.ସାମନ୍ତ ପ୍ରମୁଖ ରାଜ୍ୟ ପାଇଁ ସୁନାମ ଆଣିଛନ୍ତି। ଫେବୃୟାରୀ ୨୦୨୨ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ସମ୍ପୃକ୍ତ କ୍ରୀଡ଼ାବିତ୍‌ମାନେ ଅଂଶଗ୍ରହଣ କରିବେ। ହେଲେ ଜିଲା କ୍ରୀଡ଼ା ଅଧିକାରୀ ଇଣ୍ଡୋର ହଲ୍‌ରେ ସେମାନଙ୍କୁ ଅଭ୍ୟାସ କରିବାକୁ ଦେଉନାହାନ୍ତି। ଫଳରେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଛି। ତେଣୁ ଜିଲାପାଳ ଏ ନେଇ ହସ୍ତକ୍ଷେପ କରିବା ସହ କ୍ରୀଡ଼ାବିତ୍‌ମାନଙ୍କ ଅଭ୍ୟାସ ପାଇଁ ଇଣ୍ଡୋର ଷ୍ଟାଡିୟମରେ ଅନୁମତି ଦେବାକୁ ଅନୁଗୋଳ ଛାତ୍ର କଂଗ୍ରେସ ସମ୍ପାଦକ ଆଦିତ୍ୟ ମହାରଣା, ସୌମ୍ୟରଞ୍ଜନ ସାହୁ, ବିଶ୍ୱଜିତ ପୃଷ୍ଟି ପ୍ରମୁଖ ଦାବି କରିଛନ୍ତି।




ଦାବିପତ୍ର ପ୍ରଦାନ ପାଇଁ ଆସିଥିବା କର୍ମକର୍ତ୍ତାମାନେ।

# କନ୍ଧରା, ନନ୍ଦିନିଆ ହେବ ବାଘ କରିଡର

ଢେଙ୍କାନାଳ ଅଫିସ,୪।୧୦

- ସାତକୋଶିଆରେ ସାମିଲ ପାଇଁ ଦିଆଯାଇଛି ପ୍ରସ୍ତାବ
- ଆସନ୍ତା ବର୍ଷଠାରୁ ଢେଙ୍କାନାଳ ଜିଲାରେ ବାଘ ଗଣନା
- କପିଳାସ ଅଭୟାରଣ୍ୟରେ ସଫାରି ଆରମ୍ଭ ହେବ

ଅନୁଗୋଳ ଜିଲା ସାତକୋଶିଆ ବନଖଣ୍ଡ ବାଘ କରିଡର ଢେଙ୍କାନାଳ ଜିଲାକୁ ସମ୍ପ୍ରସାରିତ ହେବ। ଢେଙ୍କାନାଳ ଜିଲା ବନଖଣ୍ଡ ଅଧୀନରେ ଥିବା ହିନ୍ଦୋଳ ରେଞ୍ଜର କନ୍ଧରା ଓ ନନ୍ଦିନିଆ ସଂରକ୍ଷିତ ଜଙ୍ଗଲକୁ ଏହି କରିଡରରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହା ଅନୁମୋଦନ ଲାଭ କଲେ ଢେଙ୍କାନାଳ ଜିଲାର ଏହି ଦୁଇଟି ସଂରକ୍ଷିତ ଜଙ୍ଗଲ ସମ୍ପୂର୍ଣ୍ଣ ଭାବେ ସାତକୋଶିଆ ବନଖଣ୍ଡ ଅଧୀନକୁ ଚାଲିଯିବ।

ପ୍ରକାଶ ଯେ, ହିନ୍ଦୋଳ ରେଞ୍ଜର ନନ୍ଦିନିଆ ଓ କନ୍ଧରା ସଂରକ୍ଷିତ ଜଙ୍ଗଲ ସାତକୋଶିଆ ଅଭୟାରଣ୍ୟ ସୀମାକୁ ଲାଗିକରି ରହିଛି। ଫଳରେ ସାତକୋଶିଆରୁ ନନ୍ଦିନିଆ ଓ କନ୍ଧରା ବାଘଙ୍କ ଚଲାପଥ ଭାବେ ଚିହ୍ନଟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସାତକୋଶିଆ ବନଖଣ୍ଡ ବାଘ କରିଡରରେ ଏହି ଦୁଇଟି ସଂରକ୍ଷିତ ଜଙ୍ଗଲକୁ ଅନ୍ତର୍ଭୁକ୍ତ କରିବା ପାଇଁ ସାତକୋଶିଆ ବନଖଣ୍ଡ ଅଧିକାରୀ ପ୍ରସ୍ତାବ ଦେଇଥିବା ଢେଙ୍କାନାଳ ଜିଲା ବନଖଣ୍ଡ ସୂତ୍ରରୁ ଜଣାପଡିଛି। ଏଥିସହିତ ଆସନ୍ତା ବର୍ଷଠାରୁ ଢେଙ୍କାନାଳ ଜିଲାରେ ବାଘ ଗଣନା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବର୍ତ୍ତମାନ ଢେଙ୍କାନାଳ ଜିଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ପ୍ରାୟ ୭ଟି ଲିଓପାର୍ଡ ରହିଥିବା ଜଣାପଡିଛି। ୬୦ଟି ଟ୍ରାପ୍ କ୍ୟାମେରା ମଧ୍ୟରୁ କିଛି କ୍ୟାମେରାରେ ବାଘ ଜଙ୍ଗଲ ମଧ୍ୟରେ ଚଲାବୁଲା କରୁଥିବା ଚିତ୍ର ଉତ୍ତୋଳନ ହୋଇଛି। ତେବେ କିଛିଦିନ ତଳେ ୩ଟି ଟ୍ରାପ କ୍ୟାମେରା ଶିକାରୀମାନେ ଚୋରି କରି ନେଇଥିବା ସନ୍ଦେହ କରାଯାଉଥିବାରୁ ବନବିଭାଗ ଏହାର ତଦନ୍ତ କରୁଛି। ବାଘ ଗଣନା ପୂର୍ବରୁ ବନ କର୍ମଚାରୀମାନଙ୍କୁ ତାଲିମ ଦିଆଯିବ। ଜିଲାରେ ଥିବା ସଂରକ୍ଷିତ ଜଙ୍ଗଲଗୁଡିକରେ ବାଘ ସଂଖ୍ୟା ବୃଦ୍ଧି କରିବା ପାଇଁ ବନବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଏଥିପାଇଁ ଜଙ୍ଗଲ ମଧ୍ୟରେ ତୃଣଭୋଜି ପ୍ରାଣୀଙ୍କ ସଂଖ୍ୟା ବୃଦ୍ଧି ସହ ବିଭିନ୍ନ କିସମର ଘାସ ଲଗାଯିବାର ଯୋଜନା କରାଯାଉଛି। ଗ୍ରୀଷ୍ମ ଋତୁ ପୂର୍ବରୁ ଜଙ୍ଗଲ ମଧ୍ୟରେ ପୋଖରୀ ଓ ଜଳାଶୟ ବ୍ୟବସ୍ଥା କରାଯିବ। ଶିକାରୀ କବଳରୁ ବାଘ ସହ ଅନ୍ୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ପାଟ୍ରୋଲିଂକୁ କଡାକଡି କରାଯାଇଛି। ପ୍ରତିମାସରେ ଟ୍ରାପ କ୍ୟାମେରାର ଚିତ୍ର ଗୁଡିକୁ ଯାଞ୍ଚ କରାଯାଉଛି। ସେହିପରି କପିଳାସ ଅଭୟାରଣ୍ୟରେ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ସଫାରି ବ୍ୟବସ୍ଥା ଆରମ୍ଭ ହେବ। ପର୍ଯ୍ୟଟକଙ୍କୁ ଅଭୟାରଣ୍ୟର ୧୦ କିଲୋମିଟର ମଧ୍ୟରେ ବୁଲାଇବା ପାଇଁ ଗାଡିର ବନ୍ଦୋବସ୍ତ କରାଯିବ। ସରକାରଙ୍କୁ ଏ ସଂକ୍ରାନ୍ତରେ ଜଣାଇ ଦିଆଯାଇଛି। ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କହିଛନ୍ତି, ସାତକୋଶିଆ ବ୍ୟାଘ୍ର କରିଡରରେ ନନ୍ଦିନିଆ ଓ କନ୍ଧରା ସଂରକ୍ଷିତ ଜଙ୍ଗଲକୁ ଅନ୍ତର୍ଭୁକ୍ତ କରିବା ନିମନ୍ତେ ପ୍ରସ୍ତାବ ଯାଇଛି। ଢେଙ୍କାନାଳ ଜିଲାରେ ବାଘ ଗଣନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। କପିଳାସ ଅଭୟାରଣ୍ୟରେ ସଫାରି ବ୍ୟବସ୍ଥା ନିମନ୍ତେ ଜଙ୍ଗଲ ମଧ୍ୟରେ ପାହାଡ ଦେଇ ଯାଇଥିବା ରାସ୍ତାକୁ ମରାମତି କରାଯାଉଛି।



ଢେଙ୍କାନାଳ ଜିଲାର ଏକ ସଂରକ୍ଷିତ ଜଙ୍ଗଲରେ ବୁଲୁଥିବା ବାଘ।

